# ଶିକ୍ଷାସୃଜନୀ

ସେପ୍ଟେମ୍ବର - ୨୦୨୧

ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବ

ଶିକ୍ଷା ବିକାଶ ସମିତି, ଓଡ଼ିଶା



**ବିଦ୍ୟା ଭାରତୀ**

**ଶିକ୍ଷା ବିକାଶ ସମିତି, ଓଡ଼ିଶା**




ପ୍ରାଦେଶିକ ପ୍ରବାସୀ କରର୍ଯ୍ୟକର୍ତ୍ତା ବୈଠକ ସ.ବି.ମ କେଶବଧାମ, କଟକ

# ଶିକ୍ଷାସୃଜନୀ

## ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର

### ଭାଦ୍ରବ - ଆଶ୍ୱୀନ



**ସଂରକ୍ଷକ :**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. କିଶୋରଚନ୍ଦ୍ର ମହାନ୍ତି**
  ସଭାପତି, ଶି.ବି.ସ., ଓଡ଼ିଶା
- **ଶ୍ରୀଯୁକ୍ତ କମଳାକାନ୍ତ ମିଶ୍ର**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା



**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା



- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର


**ପ୍ରଚ୍ଛଦ ପ୍ରସଙ୍ଗ**

ଚଉଁରା ମୂଳରେ ମାଆ ଦୀପ ଜାଳେ
ପିଲା ଛୁଆ ଯେତେ ଧରି
ଟେକି ଦେଉଥାଏ ଆକାଶକୁ ଜ୍ୟୋତି
ଶୁଭ ମାନସିକ କରି
ଶିଶିରର ତାରକସି
ତୋଟା ମାଳ ବିଲ ବନାନୀ ଉପରେ
ଛପି ଛପି ଯାଏ ବସି ।


**ପରିଚାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**
- **ସଦସ୍ୟ : ଶ୍ରୀ ଧରଣୀଧର ଦାସ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ - ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ - ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର - ଶ୍ରୀ ଭାସ୍କରଚନ୍ଦ୍ର ମହାକୁଡ଼, ଚମ୍ପୁଆ
- ଦକ୍ଷିଣ - ଶ୍ରୀ ସୁଧାକର ପଣ୍ଡା, ଜୟପାଟଣା
- ଉତ୍ତର-ପୂର୍ବ - ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ - ଶ୍ରୀ କୈଳାସ ଚନ୍ଦ୍ର ଧଳ, ଡୁମୁଡ଼ିବନ୍ଧ
- ପୂର୍ବୋତ୍ତର - ଶ୍ରୀ ପ୍ରଣୟକୁମାର ପଡ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ - ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ୍ୟ - ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**



**ଯୋଗାଯୋଗ ଠିକଣା :**

ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦
ଦୂରଭାଷ : (୦୬୭୪)୨୫୮୨୯୮୮, ମୋ-୯୪୩୭୩୯୪୪୭୭
ଫାକ୍ସ : (୦୬୭୪) ୨୫୮୫୫୬୧
Email : shikshasrujanee@gmail.com



ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦
ବାର୍ଷିକ ଦେୟ : ଟ ୯୦.୦୦

# ସୃଜନୀର ମୁଖଶାଳା


- ସମ୍ପାଦକୀୟ.......... ୦୩
- ଜାତୀୟ ଶିକ୍ଷାନୀତି ଓ ଗୋପବନ୍ଧୁଙ୍କ ଶିକ୍ଷାଚିନ୍ତା ୦୫
- ମୁଁ ତୁମକୁ ଭଲପାଏ ଜେଜେ ମା' ୦୭
- ଦରଦୀ ଶୁଆ ୦୯
- କାମଧେନୁ ତୁ ସବୁରି ୧୦
- ସ୍ୱାଧୀନତା ସଂଗ୍ରାମରେ ଜୟୀ ରାଜଗୁରୁ ୧୧
- ଭାଇ ଜିଉନ୍ତିଆ ୧୪
- ଦୀପାବଳୀ ୧୫
- ଋଷି ଉଗସ୍ତି ଚକ୍ରାୟଣ ଓ ଦେବ ପୂଜା ୧୭
- ହର୍ତାକର୍ତାଦୈବବିଧାତା ୧୮

## କବିତା ପସରା

- ❖ ମାଆ ୧୯
- ❖ ଅଖଣ୍ଡ ଭାରତ ୨୦
- ❖ ପରମ ଈଶ୍ୱର ୨୦
- ❖ ଭାରତର ସୁପୁତ୍ର ମହାତ୍ମା ୨୧
- ❖ ଦଶହରା ଆସିଲା ୨୧
- ❖ ଜୟୀ ରାଜଗୁରୁ ୨୨
- ଓଁ ଶ୍ରୀ ପରମାତ୍ମନେ ନମଃ ୨୩
- ରାଣୀ ଲକ୍ଷ୍ମୀବାଈ ୨୬
- ଇରମ - ରକ୍ତତୀର୍ଥ ୨୮
- ସ୍ୱର୍ଣ୍ଣିମ ପ୍ରକ୍ଷେପଣ ୨୯
- ବର୍ଗମୂଳ ଖୋଜ ୩୧
- ବେଲର ଉପକାରିତା ୩୨
- ବିଶ୍ୱାସେନ ସିଦ୍ଧି - କରୋନା ମୁକ୍ତି ସଂଗ୍ରାମ ୩୩
- ଯୋଗଂ ଶରଣଂ ଗଚ୍ଛାମି ୩୫
- ଇତିହାସ-ରାମ ମନୋହର ଲୋହିଆ ୩୬
- ସମ୍ଭାଷଣାଭ୍ୟାସଃ ୩୭
- ଆମ ପ୍ରଶ୍ନ ତୁମ ଉତ୍ତର ୩୮
- ସମ୍ବାଦ ଚୁମ୍ବକେ ଚୁମ୍ବକେ ୩୯


## ଶରତେ ମରତ ପାରବଣ ଧରି


*ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ*

ଗାନ୍ଧୀ ଶାସ୍ତ୍ରୀ ଜନ୍ମଦିନ ପାଳିବାକୁ ଧରାରେ
ଫୁଲ ଧୂପ ଦୀପ ନେଇ ଆସିଅଛୁ ପରାରେ
ଶରଧାରେ ପିତୃପିଣ୍ଡ ମହାଳୟା ଦିନକୁ
ଶରତେ ମରତ ପାରବଣ ଧରି
ଆବାହନ ତୋଳେ ମନକୁ ।
ଗର୍ଭଣା ସଂକ୍ରାନ୍ତି କୁମାର ପୂର୍ଣ୍ଣିମା ପାଳନ
ଦୀପାବଳି ଗୋବର୍ଦ୍ଧନ ପୂଜି ଧରାତାରଣ
ଗୋମାତା ପୂଜିବା ପାଇଁ ଗୋଷ୍ଠାଷ୍ଟମୀ ତିଥିରେ
ଋଋ ନେହେରୁ ଜନ୍ମ ଶିଶୁ ଦିବସ
ପାଳିବାକୁ ଯାଉ ମାତିରେ ।
ନାଗାର୍ଜୁନ ବେଶ କାର୍ତ୍ତିକେୟ ପୂଜା ଭେଇକି
କାରତିକ ବ୍ରତ ଶେଷେ ବାଲିଯାତ୍ରା ନେଇକି
ମଗୁଶିର ମାସ ଗୁରୁବାର ଓଷା ଆଣିକି
ଧନଧାନ୍ୟ ଫୁଲ ଫଳ ଭରିଦିଏ
ଦେଖ ବାଡି ଘର ଠାଣିକି ।

*ସମ୍ପାଦକ*

## ରୋକ୍‌ଠୋକ୍

ଜୀବନ ପଥେ ବଢ଼ିବା ପାଇଁ କେ
ସପନକୁ ଦେଖି ଚଳେ
ବସି ଶୋଇ କେହି ଭରଣା ଭରଣ
ଅମଳକୁ ଖାଲି କଳେ
ଭାଗ୍ୟର ସେମିତି ଖେଳେ
କରମ ଆଦରି ଲାଗିଥିବ ଯିଏ
ମୁକୁଟ ପିନ୍ଧିବ ବଳେ ।



ଭଜଇ ଜାଣି ବିଷ୍ଣୁମାୟା । ସେ ହରି କରେ ତାରେ ଦୟା ।।




# ମଣିଷ ସନ୍ଧାନେ



ସ୍ୱପ୍ନ କେତେବେଳେ ଆମ ହାତରେ ବାସ୍ତବ ରୂପ ନେବା ପାଇଁ ଆମ ମନ ଭିତରକୁ ଧସେଇ ପଶିଆସେ ତ ଆଉ କେତେ ବେଳେ ନିଜ ଖୁସି ପାଇଁ ସ୍ୱପ୍ନ ରାଇଜରେ ବିଚରଣ କରୁ । ଯା ଭିତରେ ଗୋଟିଏ କଥା ହେଉଛି; ଏମିତି କିଛି ସ୍ୱପ୍ନ ଅଛି ଯାହା ମନ ଭିତରକୁ ପ୍ରବେଶ କଲେ ତାହା ଆମକୁ ଆଦୌ ଶୁଆଇ ଦିଏ ନାହିଁ ବରଂ ତା ପାଖରେ ପହଞ୍ଚିବା ପାଇଁ ଆମକୁ ଅସ୍ଥିର କରେ । ନିରନ୍ତର ପ୍ରୟାସ ଜାରି ରଖେ । ତା' ସହିତ ଯୋଡି ହୋଇପାରିଲେ ଅତି ସହଜରେ ଆମକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଦିଏ । ସେତେ ବେଳେ ଆମେ ସୁସ୍ୱାଦ ପାଚିଲା ଫଳକୁ ଆମେ ହାତରେ ତୋଳି ଧରୁ । କିନ୍ତୁ ଯେଉଁମାନେ କ୍ଷଣିକ ଆନନ୍ଦରେ କେବଳ ସ୍ୱପ୍ନ ଦେଖିବା ଜାଣନ୍ତି; ବାଟ ଖୋଜି ତା' ପାଖରେ ପହଞ୍ଚିବା ପ୍ରୟାସଠାରୁ ନିଜକୁ ଦୂରେଇ ରଖନ୍ତି, ସେମାନେ କ'ଣ ଫଳର ସ୍ୱାଦ ଚାଖି ପାରନ୍ତି ? ସେଥିପାଇଁ ଏକନିଷ୍ଠ ଉଦ୍ୟମ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ଯେମିତି ପଲ୍ଲୀ କବି ନନ୍ଦ କିଶୋର ବଳ ଲେଖିଥିଲେ -

"ନବୀନ ଉଦ୍ୟମେ ନବୀନ ଉତ୍ସାହ
ଘେନି ନବ ଆଶା ହୃଦୟେ ଧରି
ଚଳିବି ପାଷାଣ କଠୋର ପଥରେ
ଯେତେ ଦିନ ପଥ ନ ଥିବ ସରି ।"

ମନ ଚାହୁଁଥିବା ଫଳ ପାଖରେ ପହଞ୍ଚିବା ପାଇଁ ଭାଗ୍ୟ କି କାହା ଭରସାକୁ ପାଥେୟ କରି ଚଳିବାକୁ ହୁଏ ନାହିଁ । ଦେହର ରକ୍ତକୁ ଝାଳ କରି ନିଗାଡି ଦେଲେ ପାଚିଲା ସୁଆଦ ଫଳ ହାତ ପାଖରୁ ବେଶୀ ଦୂରରେ ନୁହେଁ । ସ୍ଥିର ମନ, ବିବେକାନୁମୋଦିତ କାର୍ଯ୍ୟ, ଲୋଭଶୂନ୍ୟ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ଠାରୁ ଦୂରରେ ରହି ପ୍ରତିଯୋଗିତାରେ ସାମିଲ ହେବା ତ ଏ ଦିଗ ପାଇଁ ଶୁଭ ଲକ୍ଷଣ । ତେବେ କ'ଣ ଆମ ଜୀବନ ପରିଧି ଭିତରକୁ ସେ ଶୁଭଲଗ୍ନ ଆସିବାର ବେଳ ହୋଇନାହିଁ ? ଯଦି ହଁ ତେବେ ଶୟନର ଆଉ କି ଆବଶ୍ୟକତା ? ଆମ ସମ୍ମୁଖରେ ସ୍ମିତ ହାସ୍ୟରେ ଠିଆ ହୋଇ ଆମକୁ ଆଗକୁ ଯିବାକୁ ହାତ ଠାରି ଡାକୁଥିବା ସେହି ପ୍ରାଚୀକୁ ଦେଖ । ସେହିଭଳି ଶୁଭମୁହୂର୍ତ୍ତକୁ ଦେଖି କବି କାଳିଚରଣ ପଟ୍ଟନାୟକ ଲେଖିଛନ୍ତି -

"ଆସିଛି ଯେବେ ଏ ଭବେ ନିର୍ଦ୍ଦେଶ କିଛି ନେଇ
ନୁହେଁ ତା' କୁସୁମ ଶେଯେ ଅଳସ ଶୟନ ପାଇଁ ।"

ମନୁଷ୍ୟର ଜନ୍ମ ସହିତ କର୍ମ ତା'ର ଯୁଗଯୁଗର ସାଥୀ । କର୍ମ ପ୍ରତି ବିମୁଖ ଭାବ ମଣିଷକୁ ନରକଗାମୀ କରୁଥିଲା ବେଳେ ସୁକର୍ମ ତାକୁ ଯଶ ବିମଣ୍ଡିତ କରେ । ସ୍ନେହ, ଆଦର, ଭଲ ପାଇବା ଭଳି ସୁଗନ୍ଧରେ ନିପୁଣ ମଣିଷ ତ କଳଙ୍କଶୂନ୍ୟ ହୋଇ ପୂଜା ପାଏ । ସେଥିପାଇଁ ସାଧନା ଏକମାତ୍ର ସାଥୀ । ଯାହାକୁ ଲକ୍ଷ୍ୟ କରି କବି ଉପେନ୍ଦ୍ର ତ୍ରିପାଠୀ ଲେଖିଛନ୍ତି -

"ହାତ ଗୋଡ ଦୁଇ ପ୍ରଭୁ ଦେଇଛନ୍ତି
ଦେଇଛନ୍ତି ପୁଣି ଜଗତ
ଜଗତରେ ରହି ସୁକର୍ମ ସାଧିବ
ଏହି ତ ମାନବ ମହତ୍ତ୍ୱ ।"

ଆହାର, ନିଦ୍ରା ଓ ମୈଥୁନରେ କେବଳ ପଶୁ ଲିପ୍ତ ରହେ । ବିଜ୍ଞ ମଣିଷ ତା'ଠୁଁ ଢେର ଦୂରରେ ଓ ଆଗରେ । ମଣିଷଙ୍କର ଏହିଭଳି ବିଲକ୍ଷଣକୁ ଦେଖି ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଛନ୍ତି-

"ଘାସ ଖାଇ ପଶୁ ସତତ ନରେ ସାହାଯ୍ୟ କରେ
ଓହୋ କି ବିଚିତ୍ର ତଥାପି ନର ଉପାସେ ମରେ ।"

ପ୍ରକୃତିକୁ ବରଦାନ ଆଉ ବିଜ୍ଞାନକୁ ତା'ର ସଂଯୋଗକାରୀ ସେତୁ ଭାବି ମଣିଷ ସବୁବେଳେ ନୂତନ ଉଦ୍ଭାବନରେ ଲାଗିପଡ଼େ । ସୃଜନଶୀଳତାରେ ନିମଗ୍ନ ମଣିଷ ନିଜକୁ କେବେ ଅସହାୟ ମଣେ ନାହିଁ । ଦୟାପାତ୍ର ନେଇ ଅନ୍ୟ ପାଖରେ ଶରଣାର୍ଥୀ ପାଲଟେ ନାହିଁ ବରଂ କର୍ମ ବଳରେ ଧର୍ମକୁ ଧାରଣ କରେ । ଲୋକକଲ୍ୟାଣରେ ଭାଗୀଦାର ହୁଏ । ସେ ହିଁ ତ ସୁପୁରୁଷ । ସେହିଭଳି ବ୍ୟକ୍ତି ଓ ବ୍ୟକ୍ତିତ୍ୱ ପାଖରେ ମଥାନତ କରିବା ଆମ ସଂସ୍କୃତି ।

"ଗୁଣୀ ଯେ ପ୍ରକୃତ, ସେହି ସୃଜନ ବିନୟୀ
ମୂର୍ଖ ମାତ୍ର ହୁଏ ସ୍ଫୀତ ବୃଥାଗର୍ବ ବହି ।"

ଜନସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବା ଓ ଧୀରେ ଧୀରେ ମଣିଷ ସଂଖ୍ୟା କମିଯିବା ସମାଜ ପାଇଁ ବ୍ୟଥା ବଢ଼ାଇ ଦେଇଛି । ସଂଖ୍ୟା ତ କାଳର କରାଳ ଗର୍ଭରେ ଲୀନ ହୋଇଯିବ । ଆଉ ମଣିଷପଣିଆ ଚିର ଜାଜ୍ୱଲ୍ୟମାନ ହୋଇ ଝଟକୁଥିବ । ନିଜର ଚଉଡା ଛାତିରେ ସମସ୍ତଙ୍କୁ ଆପଣାର କରିନିଅ । ଅନ୍ୟର ବ୍ୟଥାକୁ ନିଜର ବ୍ୟଥା ଭାବି ତାକୁ ଦୂର କରିବା ପାଇଁ ଅଣ୍ଟାଭିଡି ଆଗେଇ ଆସ । ଦେଖିବ ଦିନେ ଏ ବିଶାଳ ବିଶ୍ୱ ଗୋଟାଏ ପରିବାର ହୋଇଯିବ । ହସଖୁସି ଆପଣାଛାଏଁ ଲୋଟିପଡ଼ିବ । ଯେମିତି ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଥିଲେ ।

"ପ୍ରେମ ଭାବେ ଯାର ଅନ୍ତର ପୂରିତ
ସର୍ବପ୍ରାଣୀ ହୃଦ ତା' ହୃଦେ ଅଙ୍କିତ
ସର୍ବ ଅନୁଭୂତି ସର୍ବଭୂତେ ତା'ର
ତା' ଦୃଷ୍ଟିରେ ବିଶ୍ୱ ଏକ ପରିବାର ।"

କୁନ୍ତଳା କୁମାରୀ ସାବତ

❀ ❀ ❀

**ନାରୀକେଳ ସମାକାରା ଦୃଶ୍ୟନ୍ତେଽପି ଚ ସଜ୍ଜନାଃ ।**
**ଅନ୍ୟେ ବଦରିକାକାରା ବହିରେଃ ମନୋହରାଃ ।।**

ସଜ୍ଜନମାନେ ବାହାରକୁ ନଡ଼ିଆ ପରି (ଟାଣ) ଦେଖାଯାନ୍ତି, ଭିତର କୋମଳ (ସୁସ୍ୱାଦୁ) । ଅନ୍ୟମାନେ ବାହାରକୁ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଭିତରେ ବରକୋଳି ପରି ଖଟା ଓ କଠିନତା ଭରି ରହିଥାଏ ।

**ଚିନ୍ତା ଚେତନା**

# ଜାତୀୟ ଶିକ୍ଷାନୀତି ଓ ଗୋପବନ୍ଧୁଙ୍କ ଶିକ୍ଷାଚିନ୍ତା

*ଡଃ ବସନ୍ତକୁମାର ପଣ୍ଡା*

ଶିକ୍ଷା ସମସ୍ତ ଜାତୀୟ ଉନ୍ନତିର ମୂଳାଧାର । ଶିଳ୍ପ ବୋଲ କୃଷି ବୋଲ ସାହିତ୍ୟ ବୋଲ ଲୋକ ସାଧାରଣ କିଛି ଦୂର ଶିକ୍ଷିତ ନ ହେଲେ ଏସବୁ ବିଭାଗରେ ଉନ୍ନତିର ଆଶା ସୁଦୂର ପରାହତ ।

ଆଜି ଉତ୍କଳମଣି ଗୋପବନ୍ଧୁଙ୍କର ୯୩ତମ ପୁଣ୍ୟତିଥି । ସେ ଆମ ପାଇଁ ଆଜି ସୁଦୂର ଆକାଶର ନକ୍ଷତ୍ର, ଅତୀତର ଇତିହାସ । କିନ୍ତୁ ଯେତିକି ଯେତିକି କାଳର ଗତି ଦୂରତ୍ୱ ବଢ଼ାଉଛି ବିସ୍ମୟକ ଭାବେ ସେ ସେତିକି ଆମ ପାଖେ ଅଧିକରୁ ଅଧିକ ପ୍ରାସଙ୍ଗିକ ମନେ ହେଉଛନ୍ତି । ତାଙ୍କ ବାଣୀ, ରଚନା ଓ ଆଦର୍ଶର ମହତ୍ତ୍ୱ ଶାଶ୍ୱତ ମୂଲ୍ୟବୋଧ ଘେନି ଅଧିକ ଦ୍ୟୁତିମୟ ହେଉଛି । ସଂପ୍ରତି ନୂତନ ଜାତୀୟ ଶିକ୍ଷାନୀତିର ପ୍ରଧାନ ଉପଗମ ଓ ତାହାର ରୂପାୟନ କଥା ସମଗ୍ର ଦେଶରେ ଆଲୋଚନାର ବିଷୟ ହୋଇଥିଲା ବେଳେ ଗୋପବନ୍ଧୁଙ୍କ ଶିକ୍ଷାଚିନ୍ତାର ଗୁରୁତ୍ୱ ଅନୁଭବ କରି ହେଉଛି । ପ୍ରାଥମିକ ଶିକ୍ଷାର ମୌଳିକ ଅଧିକାର ଯାହା ପ୍ରସଙ୍ଗରେ ବାଧ୍ୟତାମୂଳକ କରିବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଗ୍ରହଣ କରାଗଲା, ପ୍ରାୟ ଶହେ ବର୍ଷ ପୂର୍ବରୁ କ୍ରାନ୍ତିଦର୍ଶୀ ପଣ୍ଡିତ ଗୋପବନ୍ଧୁ ୧୯୧୨ ସେପ୍ଟେମ୍ବର ୧୯ରେ ସତ୍ୟବାଦୀ ଠାରେ ଅନୁଷ୍ଠିତ ପୁରୀ ଜିଲ୍ଲା ଶିକ୍ଷା ସମ୍ମିଳନୀରେ ଏହି କଥାର ପ୍ରସ୍ତାବ ଆଣି ଦେଶ ଓ ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଶିକ୍ଷାର ସାର୍ବଜନୀନତା ଉପରେ ଗୁରୁତ୍ୱ ଦେଇଥିଲେ ଓ ଉପରୋକ୍ତ କଥା କହିଥିଲେ ।

ପଣ୍ଡିତ ଗୋପବନ୍ଧୁଙ୍କ ଶିକ୍ଷାଚିନ୍ତା ଥିଲା ପ୍ରାଚୀନ ଭାରତର ଆଧ୍ୟାତ୍ମିକ ଆଦର୍ଶ ଓ ଆଧୁନିକ ୟୁରୋପର ନବଜାଗରଣ ଆଧାରିତ ମାନବତାବାଦୀ ବୈଜ୍ଞାନିକ ଦୃଷ୍ଟିର ସମନ୍ୱିତ ରୂପ । ସେ ଚାହୁଁଥିଲେ ଶିକ୍ଷା କେବଳ ବ୍ୟକ୍ତିକୁ ବିଜ୍ଞ କରିବ ନାହିଁ, ତା'ର ପରିପୂର୍ଣ୍ଣ ବିକାଶ (ଶାରୀରିକ, ମାନସିକ, ନୈତିକ ଓ କର୍ମଭିତ୍ତିକ) ଘଟାଇ ସମାଜରେ ତାକୁ ସମର୍ଥ, ନିଃସ୍ୱାର୍ଥ, ନୈତିକତା ସମ୍ପନ୍ନ ନାଗରିକ ଭାବେ ନିର୍ମାଣ କରିବ । ଆଧୁନିକ ଭାରତବର୍ଷର ଶ୍ରେଷ୍ଠ ଶିକ୍ଷା ଦାର୍ଶନିକ ଗୁରୁଦେବ ରବୀନ୍ଦ୍ରନାଥଙ୍କ ପ୍ରାକୃତିକ ଶିକ୍ଷା, ମହାତ୍ମା ଗାନ୍ଧିଙ୍କ କର୍ମଭିତ୍ତିକ ଶିକ୍ଷା ଓ ଶ୍ରୀ ଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାର ସକଳ ନିର୍ଯ୍ୟାସ ଯେପରିକି ଗୋପବନ୍ଧୁଙ୍କ ଶିକ୍ଷାଚିନ୍ତାରେ ଏକୀଭୂତ ହୋଇଥିଲା ।

ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ରେ ଯେଉଁ ମହତ୍ତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡିକ ଅନ୍ତର୍ଭୁକ୍ତ ହୋଇଛି ସେସବୁ ଗୋପବନ୍ଧୁଙ୍କ ଶିକ୍ଷାଚିନ୍ତାରେ ସ୍ପଷ୍ଟ ଭାବରେ ଥିଲା ଓ ତାହାକୁ ରୂପାୟିତ କରିବା ପାଇଁ ସତ୍ୟବାଦୀ ବନ ବିଦ୍ୟାଳୟରେ ଆପ୍ରାଣ ପ୍ରୟାସ କରାଯାଇଥିଲା । ପରବର୍ତ୍ତୀ ସମୟରେ ତାହା ଜାତୀୟ ବିଦ୍ୟାଳୟରେ ପରିଣତ ହୋଇଥିଲା ଓ ସାର ଏଡୱାର୍ଡ ଗେଟ୍, ସାର ଆଶୁତୋଷ ମୁଖାର୍ଜୀ ଓ ମହାତ୍ମା ଗାନ୍ଧି ଆଦି ବହୁ ବିଶିଷ୍ଟ ବ୍ୟକ୍ତି ଏହି ଅନୁଷ୍ଠାନ ପରିଦର୍ଶନ କରି ଉଚ୍ଚ ପ୍ରଶଂସା କରିଥିଲେ ।

ଶିକ୍ଷାନୀତିରେ ଯେଉଁ ନ୍ୟାୟସଙ୍ଗତ ଓ ସମନ୍ୱିତ ଶିକ୍ଷା କଥା କୁହାଯାଇଛି ଗୋପବନ୍ଧୁ ସତ୍ୟବାଦୀ ବିଦ୍ୟାଳୟରେ ସେସବୁର ଯଥାର୍ଥ ଉପଯୋଗ କରିଥିଲେ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସମାନ ସୁଯୋଗ ଦେବାର ବ୍ୟବସ୍ଥା ଥିଲା । ଶିକ୍ଷକମାନେ ଦକ୍ଷ ଓ ଉତ୍ସର୍ଗୀକୃତ ଥିଲେ । ଶିକ୍ଷାନୀତିରେ ପ୍ରଭାବଶାଳୀ ପରିଚାଳନା ଓ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱର କଥା କୁହାଯାଇଛି । ସତ୍ୟବାଦୀ ବିଦ୍ୟାଳୟ ଏ ଦିଗରୁ ଥିଲା ଆଦର୍ଶ । ମୁକ୍ତାକାଶ ତଳେ ବୃକ୍ଷଛାଇରେ ହେଉଥିବା ଶ୍ରେଣୀଗୁଡିକରେ ଅଳ୍ପ ସଂଖ୍ୟକ ଛାତ୍ର ରହୁଥିଲେ । ପାଠ୍ୟ ବିଷୟ ସହିତ ଅନ୍ୟାନ୍ୟ କାର୍ଯ୍ୟକଳାପ ଏହି ବ୍ୟବସ୍ଥାକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରିଥିଲା । ସାଧାରଣ ସମୟରେ ଦିନ ୧୦.୩୦ ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶ୍ରେଣୀ ଚାଲୁଥିଲା । କେବଳ ଗ୍ରୀଷ୍ମ ତିନିମାସ ଦୁଇବେଳା ପ୍ରାତଃ ୬ଟାରୁ

୯ଟା ଓ ଅପରାହ୍ନ ୩ଟା ରୁ ୫ଟା ଶ୍ରେଣୀ ହେଉଥିଲା । ଅନ୍ତର୍ଭୁକ୍ତ ଥିଲା ଶାରୀରିକ ବ୍ୟାୟାମ, ସମାଜସେବା, ଛାତ୍ରାବାସରେ ଦୈନିକ କାର୍ଯ୍ୟ, କାଠ କାମ, ଚାଷ ଓ ବଗିଚା କାମ, ସୂତାକଟା ଓ ଅରଟରେ ଲୁଗାବୁଣା, ସ୍କୁଲର ସମବାୟ ବ୍ୟାଙ୍କ ଓ ସହଯୋଗ ସମିତି କାର୍ଯ୍ୟ, ବିଦ୍ୟାଳୟର ପତ୍ରିକା ଓ ଅନ୍ୟାନ୍ୟ ପ୍ରକାଶନ, ସାହିତ୍ୟ ସଭା ଓ ସଂଗଠନ, ପରିଦର୍ଶନ ବ୍ୟବସ୍ଥା, ପୂର୍ବଛାତ୍ରଙ୍କ ସହିତ ସମ୍ପର୍କ ସ୍ଥାପନ ଓ ବିଦ୍ୟାଳୟ ପାଠାଗାର ପରିଚାଳନା କାର୍ଯ୍ୟ । ଏପରି ସାମଗ୍ରିକ ଭାବେ ସତ୍ୟବାଦୀ ବନ ବିଦ୍ୟାଳୟ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଥିଲା । ଏହି ବ୍ୟବସ୍ଥାର ପୁନରୁଦ୍ଧାର କରାଗଲେ ଶିକ୍ଷାନୀତିର ରୂପାୟନ ସଫଳ ହୋଇ ପାରିବ ।

ନୂତନ ଶିକ୍ଷାନୀତିରେ ଆଉ ଗୋଟିଏ ବିଷୟକୁ ସମଧିକ ଗୁରୁତ୍ୱ ଦିଆଯାଇଛି, ତାହା ହେଉଛି ମାତୃଭାଷାରେ ଶିକ୍ଷା ଓ ଆଞ୍ଚଳିକ ବା ସ୍ଥାନୀୟ ବିଶେଷତ୍ୱକୁ ପାଠ୍ୟ ବିଷୟରେ ଅନ୍ତର୍ଭୁକ୍ତ କରିବା । ପଣ୍ଡିତ ଗୋପବନ୍ଧୁ ମାତୃଭାଷାକୁ ଶିକ୍ଷାର ମାଧ୍ୟମ କରିବା ପାଇଁ ସର୍ବଦା ଯୁକ୍ତି କରୁଥିଲେ । ଏପରିକି 'ଶିଶୁଙ୍କୁ ମାତୃଭାଷାରେ ଶିକ୍ଷା ନ ଦେବା ଶିଶୁ ହତ୍ୟା' ବୋଲି ସେ ଉଲ୍ଲେଖ କରିଥିଲେ । ୧୯୧୮ରେ ସତ୍ୟବାଦୀର ୫ମ ୬ଷ୍ଠ ସଂଖ୍ୟାରେ ପ୍ରାଦେଶିକ ଭାଷା ସାହାଯ୍ୟରେ ଉଚ୍ଚଶିକ୍ଷା ରେ ସେ ଲେଖିଥିଲେ, ଯେ କୌଣସି ଜାତିର ସେହି ଶିକ୍ଷା ଜାତିର ନିଜ ଭାଷାରେ ନ ହେବା ଯାଏଁ ତାହା ଜାତୀୟ ଶିକ୍ଷା ନୁହେଁ । ସ୍ଥାନୀୟ ପରିବେଶରେ ପ୍ରକୃତି ଓ ସଂସ୍କୃତି ସହିତ ଏକାତ୍ମ ହୋଇ ଶିକ୍ଷାଗ୍ରହଣ କରିବା ହିଁ ଥିଲା ଗୋପବନ୍ଧୁଙ୍କର ଆଦର୍ଶ । ସତ୍ୟବାଦୀ ବିଦ୍ୟାଳୟରେ ଯେଉଁ ତିନୋଟି ସମିତି ଛାତ୍ରମାନଙ୍କୁ ନେଇ ଗଠନ କରାଯାଇଥିଲା ତାହା ଥିଲା -

ପ୍ରଥମଟି ଯୁବକ ସଂଘ ଯେଉଁମାନେ ବିଭିନ୍ନ ସଭା ଓ ଆଲୋଚନା ମାଧ୍ୟମରେ ଦେଶାତ୍ମବୋଧ ଜାଗ୍ରତ କରି ଦେଶ ସେବା ପାଇଁ ଉତ୍ସାହିତ କରୁଥିଲେ ।

ଦ୍ୱିତୀୟଟି ଇତିହାସ ସମିତି । ଏଥିରେ ଆମର ଐତିହ୍ୟ, ପରମ୍ପରା, ଲୋକସାହିତ୍ୟ, କିମ୍ବଦନ୍ତୀ ତଥା ଐତିହାସିକ କୀର୍ତ୍ତିରାଜି ଉପରେ ଆଲୋଚନା ଓ ତା'ର ସୁରକ୍ଷା ପାଇଁ ଉଦ୍ୟମ ହେଉଥିଲା ।

ତୃତୀୟଟି କୁଳ ସମ୍ମିଳନ । ଏଥିରେ ଶିକ୍ଷକ ଛାତ୍ରଙ୍କର ମିଳିତ ସମିତି ଯାହା ପ୍ରତି ଶନିବାର ଦିନ ଅଧିବେଶନ କରି ସମସ୍ୟା ଓ ସମାଧାନ ବିଚାର କରୁଥିଲେ । ଏହିପରି ସତ୍ୟବାଦୀ ବିଦ୍ୟାଳୟରେ ସବୁ ଦିଗକୁ ଦୃଷ୍ଟି ଦିଆଯାଉଥିଲା ।

ଏସବୁ ବ୍ୟତୀତ ନୂତନ ଶିକ୍ଷାନୀତିରେ ଉଲ୍ଲେଖ ଥିବା ନାରୀଶିକ୍ଷା, ଶିକ୍ଷା ଓ ଶାନ୍ତି, ଶ୍ରମ ଓ ଶିକ୍ଷା, ଶିକ୍ଷା ଓ ରାଷ୍ଟ୍ର ପ୍ରଭୃତି ବିଷୟରେ ମହତ୍ତ୍ୱପୂର୍ଣ୍ଣ ରଚନାମାନ ଲେଖି ପଣ୍ଡିତ ଗୋପବନ୍ଧୁ ଆପଣାର ଶିକ୍ଷାଚିନ୍ତାର ମୌଳିକତା ଓ ବିସ୍ତାରର ପ୍ରମାଣ ଦେଇଥିଲେ । ଆଜି ଶତବର୍ଷ ପରେ ମଧ୍ୟ ସେସବୁ ସମଧିକ ପ୍ରାସଙ୍ଗିକ ଓ ଆମର ଅନୁକରଣୀୟ ।

*ସଭାପତି, ଶିକ୍ଷାସୃଜନୀ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

**ନୀତିଶ୍ଳୋକ**

**ଧନ ହୀନୋ ନ ହୀନଶ୍ଚ ଧନିକଃ ସୁନିଶ୍ଚୟ ।**
**ବିଦ୍ୟା ରତ୍ନେନ ଯୋହୀନଃ ସଃ ହୀନଃ ସର୍ବ ବସ୍ତୁଷୁ ॥**

ନିର୍ଧନ ମନୁଷ୍ୟ ଛୋଟ ନୁହେଁ, ଧନିକ ସେହି ଯିଏ ନିଜର ସ୍ଥିରତାରେ ଦୃଢ଼, କିନ୍ତୁ ବିଦ୍ୟାରୂପୀ ରତ୍ନରେ ଯେ ହୀନ ସେ ସବୁ ଜିନିଷରେ ହୀନ ଅଟେ ।

ଗପ ଗଜରା

# ମୁଁ ତୁମକୁ ଭଲ ପାଏ ଜେଜେ ମା’

*ସୁଜାତା ଦାସ*

ଆରେ ସିଲୁ ! କୁଆଡେ ଗଲୁ ବାବା ? ଦେଖ ଆଜି ତୋର ପ୍ରିୟ ଆଲୁ ପରଟା ତିଆରି କରିଛି । କେତେ ବେଳୁ ଡାଇନିଂ ଟେବୁଲ ପାଖରେ ରଖିଛି । ସେଗୁଡା ଥଣ୍ଡା ହୋଇ ଗଲାଣି । କୁଆଡେ ଗଲା ଏ ପିଲାଟା ? କେତେ ଦିନ ହେଲାଣି ତା’ର କଣ ହେଉଛି କେଜାଣି ଜମା ଡାକ ଶୁଣୁନି । ଠିକ୍‌ରେ କଥାବାର୍ତ୍ତା ବି କରୁନି । ଏମିତି କହି କହି ବାହାରକୁ ବାହାରି ଆସି ଗାର୍ଗୀ ଦେଖିଲେ ପୁଅ ସିଲୁ ଗାଲରେ ହାତ ଦେଇ ପାହାଚ ଉପରେ ବସିଛି । ତା’ ପିଠି ଥାପୁଡେଇ ଦେଇ ଗାର୍ଗୀ କହିଲେ, ଆରେ ତୁ ଏଇଠି ବସିଛୁ ମୁଁ ତୋତେ କେତେ ଖୋଜୁଛି ? ଆସେ ଖାଇବୁ । ହଁ ଯାଉଛି ତମେ ଚାଲ । ସିଲୁ ଦଶ ବର୍ଷର ପୁଅ ଗାର୍ଗୀ ଓ ମନୋଜଙ୍କର । କେତେ ଦିଅଁ ଦେବତା ପୂଜି ସେ ପୁଅଟି ପାଇଛନ୍ତି । ବିବାହର ଛଅ ବର୍ଷ ପରେ ସିଲୁର ଜନ୍ମ । ଜନ୍ମ ପୂର୍ବରୁ ତା’ ଜେଜେ ଚାଲିଯାଇଥିଲେ । ଆଉ ଥିଲେ ଜେଜେମା ଓ ଦାଦା ତନୁଜ । ପିଲାଟି ଦିନରୁ ସେ ଜେଜେ ମା’ କୋଳରେ ବଢ଼ିଲା । କାରଣ ବାପା ମା’ ଦୁଇ ଜଣ ଚାକିରି କରୁଥିଲେ । ତେଣୁ ତା’ର ସମସ୍ତ ଦାୟିତ୍ୱ ଜେଜେ ମା’ଙ୍କ ଉପରେ ଥିଲା । ଜେଜେ ମା ତା’ ପାଇଁ କେତେ ଓଷା ବ୍ରତ କରନ୍ତି । ତାକୁ ପ୍ରାୟ ଶହେ ଆଠ ନାଁରେ ଡାକନ୍ତି । ସବୁଠୁ ଅଧିକ ପ୍ରିୟ ନାଁ କାହ୍ନୁ । କେତେ ଗପ ଶୁଣାନ୍ତି ତାକୁ । ବାପା ମା’ ଗାଁରୁ କିଛି ଦୂର ସହରରେ ଚାକିରି କରୁଥିଲେ । ପରେ ସେମାନଙ୍କର ଦୂର ଜାଗାକୁ ବଦଳି ହେଲା । ଦାଦା କିନ୍ତୁ ଓଡିଶା ବାହାରେ ଚାକିରି କରୁଥିଲେ । ତାଙ୍କ ବାହାଘର ପରେ ସେ ରହୁଥିଲେ ମହାରାଷ୍ଟ୍ରରେ । ତାଙ୍କର ଦୁଇଟି ପୁଅ । କିନ୍ତୁ ଜେଜେ ମା ବେଶୀ ଭଲ ପାଉଥିଲେ କାହ୍ନୁଙ୍କୁ । ସେ କେବେ କାହ୍ନୁକୁ ଛାଡ଼ି ସାନ ପୁଅ ପାଖକୁ ଯାଉ ନ ଥିଲେ । ଛୁଟିରେ ଯାହା ଯିବା ଆସିବା ହେଉଥିଲା । ଆଜି ଜେଜେ ମା’ ବୁଢ଼ୀ ହୋଇ ଯିବାରୁ ଦେହ ପା ସବୁବେଳେ ଖରାପ ହେଉଛି । ସେ ଆଉ ପୂର୍ବ ପରି କାମ କରି ପାରୁନାହାନ୍ତି । ତେଣୁ ଘରେ ସବୁବେଳେ ତାଙ୍କୁ ନେଇ କଳି । ସିଲୁ ସବୁ ଶୁଣେ ମା’ ତା’ର କୁହନ୍ତି, ଆମେ ତ ଏତେ ଦିନ ତାଙ୍କୁ ପାଖରେ ରଖିଲୁ । ଏବେ ସାନ ପୁଅ ତନୁଜ ତାଙ୍କ ପାଖରେ ରଖନ୍ତୁ । ମୁଁ ଚାକିରିରୁ ଆସିଲେ ଖୁବ୍ କ୍ଲାନ୍ତ ହୋଇପଡୁଛି ତାଙ୍କ ସେବା କେତେବେଳେ କରିବି ? ସେ ପୁଣି ଆମ ଖାଇବା ସହ ଆଡଜଷ୍ଟ କରି ପାରୁନାହାନ୍ତି । ଭାରି ଅସନା କରୁଛନ୍ତି । ସିଲୁ ସବୁବେଳେ ତାଙ୍କ ପାଖକୁ ଯାଉଛି । କେତେବେଳେ ତାକୁ କିଛି ଇନଫେକ୍ସନ ହୋଇଯିବ । ଏମିତି ପ୍ରତି ଦିନ ପାଟି ଝଗଡା ପରେ ମନୋଜ ଭାଇ ତନୁଜକୁ ଡକାଇଲେ ଓ ମା’କୁ ନେଇ ଯିବାକୁ କହିଲେ, ସେ କିନ୍ତୁ ସଫା ସଫା ନାହିଁ କରି ଦେଲେ । ଶେଷରେ ନିଷ୍ପତ୍ତି ହେଲା ମା’କୁ ଜରାଶ୍ରମରେ ଛାଡି ଦିଆଯିବ । ଏକଥା ଶୁଣି ସିଲୁର ମନ ଭାରି ଦୁଃଖ । ହେଲେ ତା’ କଥା ଶୁଣୁଛି କିଏ ? ତା’ ଦାଦା ମଧ୍ୟ ଟଙ୍କା ଦେବାକୁ ନାହିଁ କରି ଦେଲେ । କହିଲେ ମୋ ଦରମା ତ ମୋତେ ଚଳିବାକୁ ନିଅଣ୍ଟ ପଡୁଛି ତୁମେ ଦୁଇ ଜଣ ଚାକିରି କରିଛ ତେଣୁ ତୁମେ ଟଙ୍କା ଦିଅ । ସେତେବେଳକୁ ଗାଁର ଜମିବାଡି ଓ ମା’ର ଯାହା ଗହଣା ଗାଣ୍ଠି ଥିଲା ତାକୁ ବିକ୍ରିକରି ଦୁଇ ଭାଇ ସେ ଟଙ୍କାକୁ ବାଣ୍ଟି ନେଇଗଲେ ।


ଆଜିକୁ ପନ୍ଦର ଦିନ ହେବ ଜେଜେ ମା’ଙ୍କୁ ଜରାଶ୍ରମରେ ଛାଡି ଦିଆଗଲାଣି । ଗଲା ବେଳେ ଜେଜେ ମା’ ଜୁଳୁଜୁଳୁ କରି ଭାରି କରୁଣ ଦୃଷ୍ଟିରେ କାହ୍ନୁକୁ ଚାହୁଁଥିଲା । ତେଣୁ ସିଲୁର ମନ ଜେଜେ ମା’କୁ ଝୁରୁଛି । ଆଉ ମନେ ମନେ ବାପା ମା’ ଦାଦାଙ୍କ ଉପରେ ଭୀଷଣ ରାଗୁଛି । କ’ଣ କରିବ ଜେଜେ ମା’ ବିନା ସେ କେମିତି ବଞ୍ଚିବ ? ଜେଜେ ମା’ର ସେ ସ୍ନେହ ବୋଳା କାହ୍ନୁଆ ଡାକଟା ତା’ କାନରେ ବାରମ୍ବାର ଶୁଭୁଚି । ସେ କେତେ ଥର କବାଟ ଖୋଲି

ଗେଟ୍ ପାଖରୁ ଯାଇ ଚାହିଁ କି ଆସିଲାଣି । ସିଲୁ ଭାବୁଥିଲା କେତେ ସ୍ୱାର୍ଥପର ଏମାନେ । ଏମିତି ନ ଖାଇ ନ ପିଇ ସିଲୁର ଦେହ ଖରାପ ହୋଇଗଲାଣି । ପଢ଼ାପଢ଼ି ପୂରା ବନ୍ଦ କରି ଦେଲାଣି । କାହା ସହ କଥା ମଧ୍ୟ ହେଉନି । ଗାର୍ଗୀ ଓ ମନୋଜ ସିଲୁ ପାଇଁ ଚିନ୍ତାରେ ପଡି ଗଲେଣି । ଦୁଇ ଥର ଡାକ୍ତର ଦେଖା ସରିଲାଣି ସିଲୁର ।

ଦିନେ ସନ୍ଧ୍ୟାରେ ଗାର୍ଗୀ ଓ ମନୋଜ ଡ୍ରଇଂ ରୁମରେ ବସି ସିଲୁ ବିଷୟରେ କଥା ହେଉଥାନ୍ତି । ସିଲୁର କାନ୍ଦ ଶୁଭିଲା ଆଉ ପଟ ରୁମରୁ ଧାଇଁ ଗଲେ ଦୁହେଁ । ସିଲୁ ତା' ଜେଜେ ମା'ର ଲୁଚାଇ ରଖିଥିବା ଖଣ୍ଡେ ପୁରୁଣା ଶାଢ଼ିକୁ ଧରି କଇଁ କଇଁ ହୋଇ କାନ୍ଦୁଛି । ଆଉ କହୁଛି ମୁଁ ତୁମକୁ ଖୁବ ଭଲ ପାଏ ଜେଜେ ମା' । ତୁମକୁ ଛାଡି ମୁଁ ବଞ୍ଚିପାରିବି ନାହିଁ । ବାପାଙ୍କୁ କହି ମୁଁ ତୁମ ପାଖକୁ ସେ ଜରାଶ୍ରମକୁ ଚାଲିଯିବି । ତୁମ କୋଳ ମୋର ସ୍ୱର୍ଗ । ବାପା ଦାଦା ସିନା ଅନୁଭବ କରି ପାରିଲେ ନାହିଁ ମୁଁ କିନ୍ତୁ ଜାଣିଛି ତୁମେ କେତେ ଛଟପଟ ହେଉଥିବ । ବାପା ମା' ଅଫିସରୁ ଫେରିବା ଟିକେ ଡେରି ହେଲେ ତୁମେ ବାରମ୍ବାର ଗେଟ୍ ପାଖକୁ ଯାଇ ଚାହୁଁଥିବ । ଦାଦା ଆସିବା ଦିନ ତୁମେ ସେମିତି ନଇଁ ନଇଁ କେତେ ରକମ୍ ରୋଷେଇ କରୁଥିବ ତାଙ୍କ ପାଇଁ ସେତେବେଳେ ତୁମ ଦେହରୁ ଗମ୍ ଗମ୍ ଝାଳ ବହିଯାଉଥିବ । ମୋ ମା' ଓଉ ସାରୁ ଝୋଳ ଭଲ ପାଏ ବୋଲି ତୁମେ ଥରେ ଓଉ କାଟୁ କାଟୁ ହାତ କାଟି ଦେଇଥିଲ । ମୁଁ ତୁମ ହାତରେ ଔଷଧ ଲଗାଇ ଦେଇଥିଲି । ଏମାନଙ୍କ ପାଖକୁ ତୁମର ଆସିବା ଦରକାର ନାହିଁ । ମୁଁ ତୁମ ପାଖକୁ ଚାଲିଯିବି । ମୁଁ ଜାଣିଛି ତୁମେ ବି ମୋତେ ଖୁବ୍ ଝୁରୁ ଥିବ । ସିଲୁର କଥା ଶୁଣି ଲୁହ ଗଡ଼ାଉ ଥିଲେ ଗାର୍ଗୀ ଓ ମନୋଜ । ଘର ଭିତରକୁ ଯାଇ ସିଲୁର ଲୁହ ପୋଛି ଗାର୍ଗୀ କହିଲେ, ତୁ କାନ୍ଦ ବନ୍ଦ କର । କାଲି ରବିବାର ଅଛି, ବାପା ଯାଇ ଜେଜେ ମା'ଙ୍କୁ ଘରକୁ ନେଇ ଆସିବେ । ଆମେ ଗୋଟେ କେୟାର ଟେକର ରଖିବା ସେ ଆମେ ନ ଥିବା ବେଳେ ଜେଜେ ମାଙ୍କ କଥା ବୁଝିବ । ଏଥର ସିଲୁର ମନ ଖୁସି । ରାତିରେ ତା' ଆଖିକୁ ନିଦ ନାହିଁ । କେତେ ବେଳେ ରାତି ପାହିବ ସକାଳ ହେବ ବାପା ଜେଜେ ମା'ଙ୍କୁ ଆଣିବା ପାଇଁ ଯିବେ । ସକାଳୁ ସିଲୁ ତିନି ଥର ପଚାରିଲାଣି ବାପାଙ୍କୁ କେତେ ବେଳେ ଯିବ ବୋଲି । ଦିନ ଦଶଟା ବେଳେ ବାପା ଗାଡି ଧରି ବାହାରିଲେ ସିଲୁ ସେମିତି ଗେଟ ପାଖରେ ଠିଆ ହୋଇଛି । ପ୍ରାୟ ତିନି ଘଣ୍ଟା ପରେ ବାପା ଜେଜେ ମା'ଙ୍କୁ ଧରି ଆସି ପହଞ୍ଚିଲେ । ଗାଡି ଗେଟ୍ ପାଖରେ ଅଟକିଲା । ସିଲୁ ଧାଇଁ ଯାଇ କହିଲା, ଜାଣିଛ ଜେଜେ ମା' ମୁଁ ତିନି ଘଣ୍ଟା ହେଲାଣି ତୁମକୁ ଅପେକ୍ଷା କରି ଏ ଗେଟ୍ ପାଖରେ ଠିଆ ହୋଇଛି । ଦେଖିଲ ମୋ ଦେହରୁ କେତେ ଝାଳ ବୋହି ଗଲାଣି । ଗାଡିରୁ ଓହ୍ଲାଇ ପଡି ବସି ପଡିଲେ ଜେଜେ ମା' ଆଉ ପଣତ କାନିରେ ପୋଛି ଆଣିଲେ ତାଙ୍କ କାହ୍ନୁର ଦେହ ମୁହଁକୁ । କହିଲେ, ପାଗଳାଟା ତୁ ଏ ମୁଣ୍ଡ ଫଟା ଖରାରେ କାହିଁକି ଠିଆ ହେଉ ଥିଲୁ ? କାହ୍ନୁ କହିଲା, ମୁଁ ତୁମକୁ ଭଲ ପାଏ ବୋଲି । ଦୁହେଁ ଦୁହିଁଙ୍କୁ ଖୁବ ଜୋରରେ ଜାବୁଡି ଧରିଥିଲେ । ଆଉ କାହ୍ନୁ ଆଘ୍ରାଣ କରୁଥିଲା ତା' ଜେଜେ ମାର ପଣତ କାନିରେ ଥିବା ମମତାର ମଧୁର ବାସ୍ନାକୁ ।

*ଆଚାର୍ଯ୍ୟା*

*ସ.ଶି.ବି.ମ., ପଟାମୁଣ୍ଡାଇ*



**ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତର । ଏ ସର୍ବ କୃଷ୍ଣର ଶରୀର ।।**

# ଦରଦୀ ଶୁଆ

ଅନେକ ଦିନ ତଳର କଥା । ଜଣେ ପ୍ରଜାବତ୍ସଳ ରାଜା ଥିଲେ । ସେ ତାଙ୍କ ପ୍ରଜାମାନଙ୍କୁ ଖୁବ୍ ଭଲ ପାଉଥିଲେ । ଏପରିକି ପଶୁପକ୍ଷୀଙ୍କୁ ମଧ୍ୟ ଭଲ ପାଉଥିଲେ । ରାଜା ପ୍ରତିଦିନ ଶୁଆ, ପାରା, କୁଆ, ବଣି ଚଢ଼େଇଙ୍କୁ ଖୁଦ ଓ ଫଳ ଖାଇବାକୁ ଦେଉଥିଲେ ।

ଦିନେ ରାଜା ତାଙ୍କ ପ୍ରଜାମାନଙ୍କର ଭଲ ମନ୍ଦ ବୁଝିବା ପାଇଁ ଛଦ୍ମ ବେଶରେ ରାଜ୍ୟରେ ବୁଲୁଥିଲେ । ବୁଲୁବୁଲୁ ବାଟ ବାଉଳା ହୋଇ ଜଙ୍ଗଲ ଭିତରକୁ ଚାଲିଗଲେ । ସେତେବେଳକୁ ସନ୍ଧ୍ୟା ହୋଇଯାଇଥିଲା । ଶୋଷରେ ଆକୁଳ ହୋଇ ରାଜା ଗୋଟିଏ ଗଛ ମୂଳରେ ବସିପଡ଼ିଲେ । ଗଛ ଉପରୁ ତାଙ୍କ ଉପରେ ଟପ୍ ଟପ୍ ହୋଇ ପାଣି ପରି କ'ଣ ପଡିଲା । ରାଜାଙ୍କୁ ତ ଶୋଷ ହେଉଥିଲା ସେ ପାଖରେ ପଡିଥିବା ପତ୍ରରେ ଠୁଙ୍ଗା ତିଆରି କରି ସେହି ପାଣିକୁ ଠୁଙ୍ଗାରେ ରଖି ପିଇବାକୁ ଯାଆନ୍ତେ ପକ୍ଷୀଟିଏ ଆସି ତା' ଥଣ୍ଟରେ ପତ୍ର ଠୁଙ୍ଗାଟିକୁ ଚିରିଦେଲା । ଏହିପରି ରାଜା ବାରମ୍ବାର ପାଣି ପିଇବାକୁ ଯାଉଥାନ୍ତି, ସେ ପକ୍ଷୀଟି ଥରକୁ ଥର ଠୁଙ୍ଗାଟିକୁ ଚିରି ପାଣି ଢାଳିଦେଉଥାଏ । ଶେଷରେ ରାଜା ରାଗିଯାଇ ପକ୍ଷୀଟିକୁ ପାହାରେ ପିଟିଦେଲେ । ପକ୍ଷୀଟି ମରିଗଲା । ପକ୍ଷୀଟି ମରିଯିବା ଦେଖି ରାଜାଙ୍କ ରାଗ ଶାନ୍ତ ହୋଇଗଲା । ରାଜା ବ୍ୟସ୍ତ ହୋଇ ସେହି ପକ୍ଷୀଟିକୁ କୋଳକୁ ନେଇ ଦେଖିଲେ ସେ ଯେଉଁ ଶୁଆଟିକୁ ରାଜବାଟିରେ ଖାଇବାକୁ ଦେଉଥିଲେ ସେ ଥିଲା ସେହି ଶୁଆ । ରାଜା ଏହାର କାରଣ ଖୋଜି ଉପରକୁ ଚାହିଁ ଦେଖିଲେ ସେ ପାଣି ଭାବି ଯାହାକୁ ପିଇବାକୁ ଯାଉଥିଲେ ତାହା ପାଣି ନଥିଲା । ଅଜଗର ସାପଟିଏ ଗଛ ଉପରେ ଥିଲା ତା ପାଟିରୁ ଗରଳ ଟପ ଟପ୍ ହୋଇ ପାଣି ପରି ପଡୁଥିଲା । ରାଜା ଏଥର ବୁଝିପାରିଲେ ଶୁଆଟି କାହିଁକି ତାଙ୍କୁ ପାଣି ପିଇବାକୁ ଦେଉନଥିଲା । ଶୁଆଟି ରାଜାଙ୍କୁ ବଞ୍ଚାଇବାକୁ ଯାଇ ନିଜେ ରାଜାଙ୍କ ହାତରେ ମରିଗଲା । ଏକଥା ଭାବି ରାଜା ବହୁତ ମନଦୁଃଖ କଲେ ।

ସାଦର ପ୍ରଣାମ,

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ପ୍ରକାଶିତ 'ଶିକ୍ଷାସୃଜନୀ' ପତ୍ରିକାର ଅକ୍ଟୋବର-ନଭେମ୍ବର ସଂଖ୍ୟା ପାଠ କରି ଆପଣମାନଙ୍କର ସୁଚିନ୍ତିତ ପ୍ରେରଣାଦାୟୀ ମୌଳିକ ଓ ଚେତନାଧର୍ମୀ ମତାମତ ଓ ପରାମର୍ଶ ନିମ୍ନ ଠିକଣାରେ ପତ୍ର/ଇ-ମେଲ /ୱାଟସ୍ଆପ୍ (Letter / E-mail / Whatsapp)ମାଧ୍ୟମରେ ପ୍ରଦାନ ପୂର୍ବକ ପତ୍ରିକାଟିକୁ ସରସ, ସୁନ୍ଦର ଓ ବଳିଷ୍ଠ ତଥା ଆକର୍ଷଣୀୟ ପରିପାଟୀରେ ସୁଶୋଭିତ କରାଇବା ଦିଗରେ ସହଭାଗୀ ହେବା ପାଇଁ ବିନମ୍ର ନିବେଦନ ।

ସମ୍ପାଦକ

*ଯୋଗାଯୋଗ ଠିକଣା :-*

ଶିକ୍ଷାସୃଜନୀ
ଶିକ୍ଷା ବିକାଶ ସମିତି, ଓଡ଼ିଶା
ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
Whatsapp No. :- 8895461378, 9437740566
E-Mail :- shikshasrujanee@gmail.com

ନିଶ୍ଚୟ ଜାଣି ଏକ ଚିତ୍ତେ । ପ୍ରଣାମ କରୁଥିବ ନିତ୍ୟେ ।।

**ପ୍ରେରକ ପ୍ରସଙ୍ଗ**

# କାମଧେନୁ ତୁ ସବୁରି

*ଶ୍ରୀମତୀ ସଙ୍ଗୀତା ମିଶ୍ର*

କିଛି ଦିନ ତଳର କଥା । ବିଦ୍ୟାଳୟରୁ ଫେରୁଥାଏ । ବିଦ୍ୟାଳୟରୁ ପ୍ରାୟ ୫୦ ମିଟର ଅତିକ୍ରମ କଲେ ବାଟରେ ପଡେ କାମଧେନୁ ମଡର୍ଣ୍ଣ ରାଇସ ମିଲ୍ସ । ପ୍ରତିଦିନ ଟ୍ରକରେ ଧାନ ଚାଉଳ ପରିବହନ ହେବାର ଦୃଶ୍ୟ ଦେଖିବାକୁ ମିଳେ । ମିଲ ମାଲିକଙ୍କ ସହ ବେଳେ ବେଳେ ଭାବର ଆଦାନ ପ୍ରଦାନ ବି ହୁଏ । କେବେ କେବେ ଅନ୍ୟମନସ୍କ ଥିଲେ ବି ଆଜ୍ଞା ଭଲ ଅଛନ୍ତିର ପ୍ରତ୍ୟୁତ୍ତର ଦେବା ପାଇଁ ମୁଁ ଅଟକି ଯାଏ । ଦୁଇପଦ ସୁଖଦୁଃଖର ଜିଜ୍ଞାସା କରନ୍ତି ମିଲ ମାଲିକ ନାରଣ ଭାଇ ଓରଫ ଲକ୍ଷ୍ମୀ ନାରାୟଣ ସେନାପତି । ଜଣେ ଶୁଭେଚ୍ଛୁ ଅଭିଭାବକ, ଯୁବ ଉଦ୍ୟୋଗୀ, ସୁଲେଖକ, ସମାଜସେବୀ, ସରଳ ଅମାୟିକ ବ୍ୟକ୍ତିତ୍ୱ, ମଣିଷ ପରି ମଣିଷଟିଏ ।

ସେଦିନ ହଠାତ୍ ଏକ ଦୃଶ୍ୟ ଦେଖି ପାଦ ଅଟକିଗଲା । ମିଲ ଫାଟକ ବାହାରେ କୁଣ୍ଡଟିଏ ରଖାଯାଇଛି । କୁଣ୍ଡରେ କିଛି କୁଣ୍ଡା ମିଶାଯାଇ ପାଣି ଭରାଯାଇଛି । ବୁଲା ଗାଈ ଗୋରୁଙ୍କ କ୍ଷୁଧା ଓ ତୃଷ୍ଣା ନିବାରଣ ନିମନ୍ତେ । ଦେଖିଲି ପ୍ରବଳ ଖରାରେ ତୃଷ୍ଣାତୁର ଗାଈ ଦୁଇଟି କୁଣ୍ଡରୁ ପାଣି ପିଇ ଯାଉଛନ୍ତି ଗଭୀର ଆତ୍ମସନ୍ତୋଷରେ । ମୋ ମନ ବି ପୂରିଗଲା ଗଭୀର ଆତ୍ମତୃପ୍ତିରେ । ମନେ ପଡୁଥିଲା ପିଲାଦିନେ ପଢ଼ିଥିବା କବିତା ପଂକ୍ତି ।

'ନର ପଶୁପକ୍ଷୀକୀଟତରୁ ଲତା କାମଧେନୁ ତୁ ସବୁରି
ତୋହରି ପ୍ରସାଦେ ସକଳ କାମନା ଯାଉଅଛି ମା ଗୋ ପୂରି ।'

କାମଧେନୁ ଗାଈ ସମସ୍ତଙ୍କର ସକଳ ମନୋ ପୂରଣ କଲାପରି କାମଧେନୁ ମଡର୍ଣ୍ଣ ରାଇସ ମିଲ୍ ୫୦ ପରିବାରକୁ ପ୍ରତ୍ୟକ୍ଷ ଅନ୍ନସଂସ୍ଥାନ ଯୋଗାଇ ଦେଉଛି । ତତ୍‌ସହିତ ପରୋକ୍ଷରେ ଅନେକ ଟ୍ରକ ଚାଳକ, ହେଲ୍ପର, ଶ୍ରମିକଙ୍କର ପରୋକ୍ଷ ଅନ୍ନଦାତା ସାଜିଛି । କାମଧେନୁ ପରି କେବଳ ମଣିଷ ନୁହେଁ ପଶୁପକ୍ଷୀ କୀଟ ତରୁଲତାଙ୍କ ଠାରେ ମଧ ଦୟା ରଖିଛନ୍ତି ମିଲର ସ୍ୱତ୍ୱାଧିକାରୀ । କଥା ନୁହେଁ କାମରେ ବି କରି ଦେଖାଇଛନ୍ତି । ମଥା ନଇଁ ଯାଉଥିଲା ଆଜ୍ଞାଙ୍କ ମାନବିକତା ତଥା ଜୀବେଦୟା ଗୁଣ ପାଖରେ ।

ସତରେ ଏମିତି ସୁନ୍ଦର ମନଟିଏ ଈଶ୍ୱର ସବୁ ମଣିଷକୁ ଦିଅନ୍ତେ କି ତେବେ ସଂସାରରେ ପଶୁହତ୍ୟା, ଗୋଚାଲାଣ, ବୃକ୍ଷଛେଦନ ଆଦି ବନ୍ଦ ହୋଇ ଯାଆନ୍ତା । ଈଶ୍ୱରଦତ୍ତ ମାନବୀୟ ଗୁଣାବଳୀର ସଦବିନିଯୋଗ ହିଁ ଧ୍ୱଂସାଭିମୁଖୀ ଧରାକୁ ପତନରୁ ରକ୍ଷା କରିପାରିବ ଏଥିରେ ଦ୍ୱିମତ ନାହିଁ । ଆମର କୁଣ୍ଡା, ଚୋକଡ କିଣି ଦେବାର ସାମର୍ଥ୍ୟ ନ ଥିଲେ ମଧ ଆମେ ପାଣି ମୁନ୍ଦେ କୁଣ୍ଡରେ କିମ୍ବା ବାଲ୍ଟିରେ ରଖିପାରିବା ଶୋଷିଲା ବୁଲା ଜୀବଙ୍କ ପାଇଁ । ଖରାଦିନେ ଆମେ ପଥିକର ତୃଷ୍ଣା ଦୂର କରିବା ପାଇଁ ସ୍ଥାନେ ସ୍ଥାନେ ଜଳଛତ୍ର ବ୍ୟବସ୍ଥା ଦେଖିବାକୁ ପାଉ କିନ୍ତୁ ଭୁଲିଯାଉ ଜୀବଜନ୍ତୁଙ୍କ କଥା । ଆସନ୍ତୁ ସେମାନଙ୍କ ପାଇଁ ଟିକେ ଭାବିବା ।



ଅମୃତ ବିନୟ ବଚନ । କହି ତୋଷିବ ପ୍ରାଣୀ ମନ ॥

**ଆମ ମହାପୁରୁଷ**

# ସ୍ୱାଧୀନତା ସଂଗ୍ରାମରେ ଜୟୀ ରାଜଗୁରୁ

* ଶ୍ରୀ ଶୁଭକାନ୍ତ ସାହୁ

ଇଂରେଜ ବିରୋଧରେ ସଂଗ୍ରାମ କରି ନିଜର ଅଦମ୍ୟ ସାହସ ଓ ଅତୁଳନୀୟ ପରାକ୍ରମ ପ୍ରଦର୍ଶନ କରିଥିବା ବୀର ଓଡ଼ିଆମାନଙ୍କ ମଧ୍ୟରେ ଜୟୀ ରାଜଗୁରୁ ଥିଲେ ଅନ୍ୟତମ । ୧୭୩୯ ମସିହା ଅକ୍ଟୋବର ୨୯ ତାରିଖ ପବିତ୍ର ଅଁଳା ନବମୀ ତିଥିରେ ପୁରୀ ଜିଲ୍ଲା ସ୍ଥିତ ହରେକୃଷ୍ଣପୁର ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ । ପିତା ଶ୍ରୀ ଚାନ୍ଦ୍ ରାଜଗୁରୁ ଓ ମାତା ଶ୍ରୀମତୀ ହୀରାମଣି ଦେବୀଙ୍କ ସେ ଥିଲେ ସୁଯୋଗ୍ୟ ସନ୍ତାନ । ତାଙ୍କର ପ୍ରକୃତ ନାମ ଥିଲା ଜୟକୃଷ୍ଣ ରାଜଗୁରୁ ମହାପାତ୍ର । ଶୈଶବରୁ ହିଁ ତାଙ୍କ ସାହସିକତାର ଆଭାସ ମିଳିସାରିଥିଲା । ଗୁରୁଣ୍ଡିବା ବୟସରେ ବାରଣ୍ଡା ଧାରକୁ ଚାଲି ଆସିଥିବା ଜୟକୃଷ୍ଣଙ୍କୁ ନିକଟରେ ଥିବା କାଳିଆ ଘୋଡା ମୁହଁ ଦ୍ୱାରା ତଳେ ପଡିବାରୁ ରକ୍ଷା କରିଥିଲା । ଠିକ୍ ଏତିକି ବେଳେ ଘୋଡ଼ା ବେକରେ ଲାଗିଥିବା ଫିତାକୁ ଧରି ସେ ଓହଳିପଡି ଖୁସି ହୋଇଥିଲେ ।

ବାଲ୍ୟକାଳରେ ସେ ପୁରୀର ସଂସ୍କୃତ ପଣ୍ଡିତମାନଙ୍କ ଠାରୁ ସଂସ୍କୃତ ଶିକ୍ଷାଲାଭ କରିଥିଲେ । ଏମାର ମଠ ଓ ଗୋବର୍ଦ୍ଧନ ମଠରୁ ମଧ୍ୟ ସେ ଶିକ୍ଷାଲାଭ କରିଥିଲେ । ବଂଶ ପରମ୍ପରା କ୍ରମେ ତାଙ୍କ ପୂର୍ବଜ ମାନେ ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପରାମର୍ଶଦାତା ରୂପେ କାର୍ଯ୍ୟ କରିଆସୁଥିଲେ । ପିତା ଚାନ୍ଦ୍ ରାଜଗୁରୁ ବ୍ରାହ୍ମଣ ହେଲେ ମଧ୍ୟ ଯୁଦ୍ଧବିଦ୍ୟାରେ ନିପୁଣ ଥିଲେ । ଜୟୀ ରାଜଗୁରୁଙ୍କ ଶିରାପ୍ରଶିରାରେ ପିତାଙ୍କ ଉଷ୍ମ ଶୋଣିତ ପ୍ରବାହ ପୂର୍ବକ ତାଙ୍କୁ ବାଲ୍ୟକାଳରୁ ହିଁ ବୀର କରି ଗଢ଼ି ତୋଳିଥିଲା । ବିଦ୍ୟାଳାଭରେ ସେ ଯେତିକି ବିଚକ୍ଷଣ ଓ ଧୀମାନ ଥିଲେ କୁସ୍ତି, କସରତ, ବାଡିଖେଳ, ଘୋଡା ଚଢ଼ା ଆଦି କାର୍ଯ୍ୟରେ ଅନୁରୂପ ନିପୁଣ ଥିଲେ । ତାଙ୍କ ବିଚକ୍ଷଣତାର ଖବର ପାଇ ଉତ୍କଳର ତତ୍କାଳୀନ ରାଜାମାନେ ତାଙ୍କୁ ନିଜର ମନ୍ତ୍ରୀ ରୂପେ ପାଇବା ପାଇଁ ବ୍ୟାକୁଳ ଥିଲେ ।

ଯୁବକ ଜୟକୃଷ୍ଣ ପିତାଙ୍କ ସହ ବହୁବାର ଖୋର୍ଦ୍ଧା ରାଜା ଦିବ୍ୟ ସିଂହ ଦେବଙ୍କ ଦରବାରକୁ ଯାଉଥିଲେ । କୁସ୍ତି ଓ ଘୋଡା ଦୌଡ ପ୍ରତିଯୋଗିତାରେ ରାଜାଙ୍କ ଶ୍ରେଷ୍ଠତ୍ୱ ବିବେଚନା ପଦ୍ଧତିକୁ ସେ ନାପସନ୍ଦ କରିଥିଲେ । ତାଙ୍କ ମେଧା ଶକ୍ତି ଆକଳନ କରି ରାଜା ନିଜର ସୈନ୍ୟ ବାହିନୀକୁ ତାଲିମ ଦେବା ନିମନ୍ତେ ତାଙ୍କୁ ଆମନ୍ତ୍ରଣ କରିଥିଲେ । ୧୭୮୦ ମସିହାରେ ପିତାଙ୍କ ଅନ୍ତେ ସେ ୪୧ ବର୍ଷ ବୟସରେ ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ ପ୍ରଧାନମନ୍ତ୍ରୀ, ମୁଖ୍ୟ ପରାମର୍ଶଦାତା, ସେନାଧ୍ୟକ୍ଷ ଓ ମୁଖ୍ୟ ବେବର୍ତ୍ତା ରୂପେ ନିଯୁକ୍ତ ହେଲେ । ସେତେବେଳେ ମରହଟ୍ଟା କବଳିତ ଓଡିଶାରେ ଖୋର୍ଦ୍ଧା ଏକ ସ୍ୱାଧୀନ ରାଜ୍ୟ ଥିଲା । ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଦିବ୍ୟସିଂହ ଦେବଙ୍କ ବିୟୋଗ ଘଟିବାରୁ ତାଙ୍କ ନାବାଳକ ପୁତ୍ର ମୁକୁନ୍ଦ ଦେବଙ୍କୁ ସେ ରାଜ ସିଂହାସନରେ ଅଭିଷିକ୍ତ କରାଇଥିଲେ । ତେବେ ମୁକୁନ୍ଦ ଦେବ ଅନଭିଜ୍ଞ ଥିବାରୁ ଅଭିଜ୍ଞ, ଦକ୍ଷ ରାଜନୀତିଜ୍ଞ, କୁଶଳୀ କୂଟନୀତିଜ୍ଞ, ସେନାଧ୍ୟକ୍ଷ, ମହାମନ୍ତ୍ରୀ, ମୁଖ୍ୟ ପରାମର୍ଶଦାତା ତଥା ବେବର୍ତ୍ତା ରାଜଗୁରୁଙ୍କ ଉପରେ ଅଭିଭାବକ ଭାବରେ ରାଜ୍ୟର ସମସ୍ତ ଭାର ଅଜାଡି ହୋଇପଡିଲା । ଖୋର୍ଦ୍ଧା ରାଜାଙ୍କୁ ଉତ୍କଳର ରାଜା ରୂପେ ପୂର୍ଣ୍ଣ ପ୍ରତିଷ୍ଠିତ କରିବା ପାଇଁ ସେ ଲାଗି ପଡ଼ିଥିଲେ ।

୧୮୦୩ ମସିହାରେ ଇଂରେଜମାନେ ଓଡିଶା ଅଧିକାର କରିବା ପରେ ଖୋର୍ଦ୍ଧା ରାଜାଙ୍କଠୁଁ କର ମାଗିଲେ ଏବଂ ତାଙ୍କର ବଶତା ସ୍ୱୀକାର କରିବା ପାଇଁ ଆଦେଶ ପତ୍ର ପଠାଇଲେ । ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଇଂରେଜୀ ସୈନ୍ୟବାହିନୀ ନିକଟରେ ପରାକ୍ରମୀ ମୋଗଲ, ମରହଟ୍ଟାମାନେ ଛତ୍ରଭଙ୍ଗ ଦେଇଥିବା ସ୍ଥଳେ ଓଡିଆ ପାଇକମାନଙ୍କର ଦେଶୀୟ ଅସ୍ତ୍ରଶସ୍ତ୍ର ଯଥେଷ୍ଟ ହୋଇ ନ ପାରେ ବୋଲି ମୁକୁନ୍ଦଦେବ ଆଶଙ୍କା କରୁଥିଲେ । ଦୁର୍ବଳମନା ମୁକୁନ୍ଦଦେବ ବିଚଳିତ ହୋଇ ଇଂରେଜମାନଙ୍କ ସହ ସନ୍ଧି ନିମନ୍ତେ ଚିନ୍ତା କରନ୍ତେ ସ୍ୱାଭିମାନୀ

ଏ ଭାବେ ଲଭି କୃଷ୍ଣ ପାଦ । ହରିବ ବିଷୟ ବିଷାଦ ।।

ଜୟୀ ରାଜଗୁରୁ ଏହାର ତୀବ୍ର ବିରୋଧ ପୂର୍ବକ ଇଂରେଜମାନଙ୍କ ବିରୋଧରେ ଲଢ଼େଇ ପାଇଁ ରାଜାଙ୍କ ମନୋବଳ ସୁଦୃଢ଼ କରିଥିଲେ । ସେ ନିଜେ ପଦବ୍ରଜରେ ଗ୍ରାମ ଗ୍ରାମ ବୁଲି ପାଇକ ଯୁବକମାନଙ୍କୁ ସଂଗଠିତ କରାଇଥିଲେ । ଗାଁ ଗାଁରେ ପାଇକ ଆଖଡା ଖୋଲି ଯୁବକମାନଙ୍କୁ ଯୁଦ୍ଧବିଦ୍ୟାର ପ୍ରଶିକ୍ଷଣ ଆୟୋଜନ କରାଇଲେ । ଜନ୍ମଭୂମିର ସ୍ୱାଭିମାନକୁ ବଳି ନ ଦେବାକୁ ବଜ୍ର ଶପଥ ନେଇଥିବା ରାଜଗୁରୁଙ୍କ ଓଜସ୍ୱିନୀ ଆହ୍ୱାନରେ ଘରୁ ଘରୁ ଯୁବକମାନେ ସୈନ୍ୟବାହିନୀରେ ଯୋଗ ଦେବା ସହ ଉତ୍କଳୀୟ ନାରୀମାନେ ମଧ୍ୟ ନିଜ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ରାଜଗୁରୁଙ୍କ ଉଦ୍ଦେଶ୍ୟରେ କବି ରମେଶଚନ୍ଦ୍ର ଭଞ୍ଜ ଲେଖିଛନ୍ତି –

ସେହି ଲୋକ ଯେ ମେଳିର ମେଢ଼ି
ସବୁ ଆକଟ ଦେଉଛି ଏଡି
କଥାରେ ତା'ର ମାତି
ପାଇକ ଜାତି ଉଠୁଛି ତାତି
ଫୁଲାଇ ଦେଇ ଛାତି ।
ଆଶାରେ ଭରି ଉଷୁମ ଲହୁ
ଭାଷାରେ ଭରି ମୁକତି ମହୁ
ଜୀବନ ଗୀତା ଗାଇ
ଅନ୍ତର ତଳେ ଅନଳ ଶିଖା
ଦେଉଛି ଅବା ତାଇ ।

ରାଜଗୁରୁଙ୍କ ଅପରିସୀମ ବୀରତ୍ୱ ଓ ବିଚକ୍ଷଣ ରଣ କୌଶଳ ସମ୍ବନ୍ଧରେ ଅବଗତ ହୋଇ ଫିରିଙ୍ଗି ଫୌଜ ହଠାତ୍ ଖୋର୍ଦ୍ଧା ଆକ୍ରମଣ କରିବାକୁ ସାହସ କରିପାରି ନ ଥିଲେ ।

ଫିରିଙ୍ଗି ସେନା ନିଜ କ୍ଷମତାଲିପ୍ସାର ଚରିତାର୍ଥ ପାଇଁ କପଟ ରଣ କୌଶଳ ଆପଣାଇବାକୁ ଯୋଜନା କରିଥିଲେ । କପଟୀମାନଙ୍କ କପଟତାର ସୁରାକ୍ ପାଇ ରାଜଗୁରୁ ଇଂରେଜମାନଙ୍କୁ ଅଚାନକ ଆକ୍ରମଣ କରିଥିଲେ । ପାଇକମାନଙ୍କୁ ପ୍ରତିରୋଧ କରିବାକୁ ଯାଇ ଅନେକ ଫିରିଙ୍ଗି ସୈନ୍ୟ ମୃତାହତ ଓ ବନ୍ଦୀ ହେଲେ । ପରେ ପରେ ସେ ଦୁଇ ହଜାର ସୈନ୍ୟଙ୍କୁ ନେଇ ଅଚାନକ ଇଂରେଜ ଅଧିକୃତ ବାରବାଟୀ ଦୁର୍ଗ ଆକ୍ରମଣ କରି କର୍ଣ୍ଣେଲ୍ ହାରକୋଟଙ୍କୁ ବନ୍ଦୀ କରିଥିଲେ । ପାଇକମାନଙ୍କ ଅପ୍ରତ୍ୟାଶିତ ଆକ୍ରମଣରେ ବିଚଳିତ କର୍ଣ୍ଣେଲ ହାରକୋଟ ଜୟୀ ରାଜଗୁରୁଙ୍କ ସର୍ତ୍ତ ପୂରଣ ପାଇଁ ବିବଶ ହୋଇପଡିଲେ । ଏହା ପରେ ମନ୍ଦମତି ହାରକୋଟ୍ ଦୁରଭିସନ୍ଧି ରଖି ଗଜପତିଙ୍କୁ ବାରବାଟୀ ନିମନ୍ତ୍ରଣ ପାଇଁ ଫିରିଙ୍ଗି କାନୁନ୍‌ଗୋ ଗୋବିନ୍ଦ ରାୟଙ୍କ ମାଧ୍ୟମରେ ବାର୍ତ୍ତା ପ୍ରେରଣ କଲେ । ଗୋବିନ୍ଦ ରାୟ ରାଜଗୁରୁଙ୍କୁ ଅଣଦେଖା କରି ଗଜପତିଙ୍କୁ ଏକାନ୍ତରେ ବାର୍ତ୍ତା ଦେବାକୁ ଇଚ୍ଛା କଲେ । ଫିରିଙ୍ଗି ଫୌଜ ସହ ସନ୍ଧିରେ ଆବଦ୍ଧ ହେଲେ ଖୋର୍ଦ୍ଧାବାସୀ ଶାନ୍ତିରେ ବସବାସ କରିବେ । ତେବେ ଏ ସମ୍ବନ୍ଧୀୟ ନିଷ୍ପତ୍ତି ପରାମର୍ଶଦାତା ରୂପେ ନିଯୁକ୍ତ ଗୋଲାମମାନଙ୍କୁ ଉପେକ୍ଷା ପୂର୍ବକ ଗଜପତି ନିଜେ ସ୍ୱାଧୀନ ଭାବେ ନେବା ପାଇଁ ସେ ରାଜାଙ୍କୁ ମନ୍ତ୍ରଣା ଦେଲେ । ଏଥିରେ କ୍ଷୁବ୍ଧ ରାଜଗୁରୁ ଗୋବିନ୍ଦ ରାୟଙ୍କୁ ଭର୍ତ୍ସନା ପୂର୍ବକ ରାଜା ଓ ରାଜଗୁରୁ ମଧ୍ୟରେ ଫାଟ ସୃଷ୍ଟିରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଥିଲେ । ସମଗ୍ର ଓଡିଶା ମାଟିରୁ ଇଂରେଜମାନଙ୍କୁ ବିତାଡିତ କରିବାକୁ ରାଜଗୁରୁ ରଣ କୌଶଳ ଆରମ୍ଭ କରିଦେଇଥିଲେ । ପାଇକ ଜାତିର ଏତାଦୃଶ ସାହସ ଦେଖି ଫିରିଙ୍ଗି ଫୌଜ ଏକ ରକମର ନିରାଶ ହୋଇ ପଡିଥିଲେ । କବି ରମେଶଚନ୍ଦ୍ର ଭଞ୍ଜ ଲେଖିଛନ୍ତି –

ଭାବିଲେ ଗୋରା ସିପାହୀ ଦଳ
ତେବେରେ ଏଠି ସରିଲା ବଳ
ଧରିବା ନିଜ ପଥ
ଖୁରୁଧାଗଡ ସହଜେ ଆଉ
ହେବନି କରଗତ ।

କିନ୍ତୁ କଳେ ବଳେ କୌଶଳେ ଖୋର୍ଦ୍ଧାଗଡକୁ ନିଜ ଅକ୍ତିଆରକୁ ନେବାକୁ ଇଚ୍ଛା କରିଥିବା କର୍ଣ୍ଣେଲ ହାରକୋଟ୍ ପୁରୀର କଲେକ୍ଟର ଓ ଗଭର୍ଣ୍ଣର ଜେନେରାଲଙ୍କ ସହ ବିଚାରବିମର୍ଶ କରି ମାନ୍ଦ୍ରାଜରୁ ଅଧିକ ସୈନ୍ୟ ସହ ମେଜର ଫ୍ଲେଚରଙ୍କୁ ଓଡିଶା ଆଣିଲେ । ସେମାନଙ୍କ ମିଳିତ କୁମନ୍ତ୍ରଣା କ୍ରମେ ପାଇକମାନଙ୍କ ମନୋବଳ ଭାଙ୍ଗିବା ପାଇଁ

ଗଜପତିଙ୍କୁ ଗାଦିଚ୍ୟୁତ କରାଯାଇଛି ବୋଲି ଅପପ୍ରଚାର କରିଦିଆଗଲା । ପରେ ପରେ ଅଚାନକ ଇଂରେଜ ସୈନ୍ୟବାହିନୀ ଗୁଳିଗୋଳା, ତୋପ, ବନ୍ଧୁକ ସହ ଖୋର୍ଦ୍ଧାଗଡକୁ ଆକ୍ରମଣ କଲେ । ଇଂରେଜମାନଙ୍କୁ ଅଟକାଇବାକୁ ଯାଇ ଅନେକ ବୀର ପାଇକ ନିଜ ପ୍ରାଣ ବଳି ଦେଇଥିଲେ । ଆସନ୍ନ ପରାଜୟକୁ ନିକଟରୁ ଦେଖୁଥିବା ରାଜଭକ୍ତ ରାଜଗୁରୁ ସ୍ୱଚିନ୍ତା ପରିହାର ପୂର୍ବକ ଗଜପତିଙ୍କ ସୁରକ୍ଷା ପାଇଁ ଚିନ୍ତା ପ୍ରକଟ କଲେ । ଗୁପ୍ତ ସୁଡଙ୍ଗ ଦେଇ ରାଜାଙ୍କୁ ଜଙ୍ଗଲ ମଧ୍ୟକୁ ପଠାଇଦେବାକୁ ସେ ନିର୍ଦ୍ଦେଶ ଦେଲେ । ଏହା ମଧ୍ୟରେ କିଛି ଦେଶଦ୍ରୋହୀ ଚୁଗୁଲିଆଙ୍କୁ ପ୍ରଲୋଭିତ କରି ଇଂରେଜମାନେ ଖୋର୍ଦ୍ଧା ଗଡର ଗୁପ୍ତ ତଥ୍ୟ ହାସଲ କରିନେଲେ । ରାଜାଙ୍କ ଚାକର ଫତେ ମହମ୍ମଦ ବିଶ୍ୱାସଘାତକତା କରି ତିନି ହଜାର ଟଙ୍କା ବିନିମୟରେ ରାଜାଙ୍କୁ ଇଂରେଜ ହାତରେ ଧରାଇ ଦେଇଥିଲା । ଏହି ଦୁଃସମ୍ବାଦ ରାଜଗୁରୁଙ୍କୁ ଏକ ଶକ୍ତ ଧକ୍କା ଦେଲା । ତଥାପି ସେ ଭାଙ୍ଗି ନ ପଡି ସିଂହପରି ମନୋବଳ ନେଇ ଇଂରେଜ ବିରୋଧରେ ଲଢ଼େଇ ଜାରି ରଖିବାକୁ ଗଡ଼ ମଧ୍ୟରେ ନିଜକୁ ପ୍ରସ୍ତୁତ କରୁଥିଲେ । କିନ୍ତୁ ଭୀତତ୍ରସ୍ତ ଫିରିଙ୍ଗି ଫୌଜ ଜୟୀ ରାଜଗୁରୁଙ୍କୁ ଯୁଦ୍ଧରେ ଆୟତ୍ତ କରିବା ଅସାଧ ଜାଣି ଅନ୍ୟାୟୋଚିତ ପନ୍ଥା ଆପଣାଇଥିଲେ । ଦେଶଦ୍ରୋହୀ ଚୁଗୁଲିଆଙ୍କ ଜରିଆରେ ନିଶାର୍ଦ୍ଧରେ ଗଡର ଗୁପ୍ତ ପଥରେ ପ୍ରବେଶ କରି ବିଶ୍ରାମରତ ରାଜଗୁରୁଙ୍କ ବନ୍ଦୀ କଲେ । ଉଭୟ ରାଜା ଓ ରାଜଗୁରୁଙ୍କୁ ବାରବାଟୀରେ ବନ୍ଦୀ କରି ରଖାଗଲା । କପଟ ଯୁଦ୍ଧରେ ବିଜୟୀ କର୍ଣ୍ଣେଲ ହାରକୋଟ୍ ଅନ୍ତରେ ଅନ୍ତରେ ରାଜଗୁରୁଙ୍କ ରାଜଭକ୍ତି, ଦେଶପ୍ରେମ ଓ ବୀରତ୍ୱକୁ ସଲାମ୍ କରୁଥିଲେ । ନିଜର ଅନ୍ୟାୟୋଜିତ କାର୍ଯ୍ୟ ପାଇଁ ରାଜଗୁରୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । ଅପରପକ୍ଷରେ ଗଜପତିଙ୍କ ବିରୋଧରେ ମନ୍ତବ୍ୟ ଦେଲେ ଓ ନିଜର ଭୁଲ ପାଇଁ କ୍ଷମା ମାଗିଲେ ତାଙ୍କୁ ମୁକ୍ତି ଦିଆଯିବ ବୋଲି ପ୍ରଲୋଭିତ କଲେ । କିନ୍ତୁ ଗଜପତିଙ୍କୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମାନୁଥିବା ରାଜଗୁରୁଙ୍କ ଜିଭ ତାଙ୍କ ବିରୋଧରେ କହିବା ପାଇଁ ଲେଉଟିଆନ୍ତା ବା କିପରି ? ସେ କର୍ଣ୍ଣେଲ ହାରକୋଟଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ସହ ନିଜର ମୁକ୍ତି ପରିବର୍ତ୍ତେ ଗଜପତିଙ୍କ ମୁକ୍ତି ଚାହିଁଥିଲେ ।

ମାନସିକ ପରାହତ ଫିରିଙ୍ଗି ଫୌଜ ଆହତ ସିଂହକୁ ମୁକ୍ତି ଦେବାକୁ ସୁରକ୍ଷିତ ମଣିଲେ ନାହିଁ । ତେଣୁ ସେଠାରୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲାର ମେଦିନୀପୁର ଜେଲକୁ ପଠାଇ ଦିଆଗଲା । ସେଠାରେ ବିଚାରରେ ରାଜଗୁରୁଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଗଲା । ମେଦିନୀପୁରର ବାଘତୋଟା ନାଳ ନିକଟରେ ଥିବା ବରଗଛର ଦୁଇ ଡାଳରେ ତାଙ୍କ ହସ୍ତପଦ ବାନ୍ଧି ଇଂରେଜମାନେ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କଲେ । କବି ରମେଶଚନ୍ଦ୍ର ଭଞ୍ଜଙ୍କ ଭାଷାରେ –

ସେଠାରୁ ନେଇ ବହୁତ ଦୂର
ବାଲେଶ୍ୱରର ମେଦିନୀପୁର
ବାଘତୋଟାର ନାଳ
କୂଳରେ ଥିବା ବରରେ ବାନ୍ଧି
କରିଲେ ଦୁଇ ଫାଳ ।

ଖୋର୍ଦ୍ଧାଗଡର ସ୍ୱାଧୀନତାର ସୂର୍ଯ୍ୟ ଅସ୍ତମିତ ହୋଇଗଲା । ଓଡିଶାର ଶେଷ ସ୍ୱାଧୀନ ରାଜ୍ୟ ଇଂରେଜମାନଙ୍କ କରାୟତ ହେଲା ସତ ହେଲେ ଜାତୀୟ ବିପ୍ଳବର ଆଦ୍ୟ ସମରରେ ପ୍ରଥମ ଶହୀଦ୍ ହେବାର ସୌଭାଗ୍ୟ ଲାଭ କରି ସେ ଏ ଜାତିର କାନେ କାନେ କହିଗଲେ, 'ଓଡିଆ ଜାତି ମାଟି ମାଆ ପାଇଁ ଜୀବନ ଦେଇପାରେ ସିନା ଶତ୍ରୁ ଆଗରେ ମଥାନତ କରିବା ଜାଣେ ନାହିଁ ।' ବାସ୍ତବରେ ସମୟର ସ୍ରୋତ ଅବିରତ ବହି ଚାଲିଛି ହେଲେ ଜୟୀ ରାଜଗୁରୁଙ୍କ ବୀରତ୍ୱର ଅମର ଗାଥା ଏବେ ବି ସତେଜ ଓ ସର୍ବଦା ଦୀପ୍ତିମନ୍ତ ରହିଥିବ । ସେଥି ପାଇଁ ପାଇଁ ରମେଶଚନ୍ଦ୍ର ଭଞ୍ଜ ଲେଖିଛନ୍ତି –

କୁଆଡେ ବହି ଯାଉଛି କାଳ
କଟିଗଲାଣି କେତେଶ ସାଲ
ରହିଛି ଏବେ କଥା
ଜୟୀଆ ପଛେ ଜୀବନ ଦେଲା
ନୁଆଁଇ ନାହିଁ ମଥା ।

*ଦେଉଳପଲ୍ଲୀ, ପୋଲସରା, ଗଞ୍ଜାମ*

ସେ ନାରାୟଣ ଦେହଗତେ । ବସନ୍ତି ଭାବ ଅନୁମତେ ।।

ଆମ ପରମ୍ପରା

# ଭାଇଜିଉନ୍ତିଆ

* ପ୍ରତିଭାମୟୀ ପଣ୍ଡା

ସ୍ରଷ୍ଟାଙ୍କ ସୃଷ୍ଟି କେଡେ ସୁନ୍ଦର ବିଚିତ୍ର ମନୋରମ । ସମସ୍ତେ ସମସ୍ତଙ୍କ ଉପକାରୀ । ସ୍ରଷ୍ଟା ମଣିଷକୁ ଶ୍ରେଷ୍ଠ ଜୀବ ଭାବରେ ମାନ୍ୟତା ଦେଇଛନ୍ତି । ପୁଣି ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧାର ସମ୍ପର୍କ ମଧ୍ୟରେ ଆବଦ୍ଧ ପାଇଁ ପ୍ରତ୍ୟେକ ମଣିଷକୁ ଏକ ପରିବାର ଦେଇଛନ୍ତି, ଯାହା ହେଉଛି ମମତାର ମନ୍ଦିର । ବାପା, ମା', ଭାଇ, ଭଉଣୀ, ଜେଜେବାପା ଜେଜେ ମା ଏହି ସମ୍ପର୍କର ଡୋରୀରେ ବନ୍ଧା ଆମ ପରିବାର । ବାପା ମା' ତ ଆମ ପାଇଁ ଅମୂଲ୍ୟ । ବାପାଙ୍କ ବିଶାଳ ହୃଦୟ ପୁଣି ମା'ର ମମତା ଅତୁଳନୀୟ । ଏ ପଟେ ଭାଇ ଭଉଣୀ ସମ୍ପର୍କ ସ୍ନେହ ଶ୍ରଦ୍ଧାର ଅତୁଟ ବନ୍ଧନ ।

ଶୈଶବର ସେହି ଧୂଳି ଖେଳରୁ ଅଝଟ ଆରମ୍ଭ ହୋଇ ସାରା ଜୀବନ ଚାଲିଥାଏ ଭାଇ ଭଉଣୀ ମଧ୍ୟରେ ରାଗରୁଷା । ତା ମଧ୍ୟରେ ବି ପ୍ରତି ଭାଇ ଭଉଣୀଟିଏ ଓ ଭଉଣୀ ଭାଇଟିଏ ପାଇଁ ଭଗବାନଙ୍କ ଠାରେ ପ୍ରାର୍ଥନା କରିଥାଏ । ଉଭୟେ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ଅଝଟ, ରାଗ, ରୁଷା, ଅମନା ମଧ୍ୟରେ ଥିବା ସମ୍ପର୍କର ମଧୁରତା ପ୍ରତି ଭାଇ ଓ ଭଉଣୀକୁ ଜଣା । ଉଭୟେ ଉଭୟଙ୍କ ରକ୍ଷାକବଚ ପରି ରହିଥାନ୍ତି ।

ପୁରାଣ ପୃଷ୍ଠାର ଜଗନ୍ନାଥ ମହାପ୍ରଭୁଙ୍କ ସୁଭଦ୍ରା ଭଉଣୀ ପୁଣି ଦୈତ୍ୟରାଜ ରାବଣର ସୁର୍ପଣଖା ଭଉଣୀ । ଭଉଣୀ ସୁଭଦ୍ରାଙ୍କ ସହିତ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ମାଉସୀ ଘର ଯାତ୍ରା ପୁଣି ସୂର୍ପଣଖାର ନାସା ଛେଦନର ପ୍ରତିଶୋଧ ପୂର୍ବକ ଦୈତ୍ୟରାଜ ରାବଣର କ୍ରୋଧ ମଧ୍ୟ ଭାଇ ଭଉଣୀର ସ୍ନେହ ସମ୍ପର୍କକୁ ସ୍ୱଷ୍ଟ ଭାବରେ ସୂଚିତ କରିଥାଏ ।

ପୁରାଣ ପୃଷ୍ଠାର ଅନ୍ୟ ଏକ ଘଟଣା । 'ଚମ୍ପାବତୀ' ରାଜ୍ୟର ରାଜା ବିକ୍ରମସେନ ଜଣେ ସୁଶାସକ ଭାବେ ସୁପରିଚିତ । ଏକମାତ୍ର ଅଳିଅଳ କନ୍ୟା 'ଅରୁଣା' ରୂପରେ ଗୁଣରେ ସର୍ବଗୁଣ ସମ୍ପନ୍ନା । ମାତ୍ର ରାଜକୁମାରୀ ମନ୍ତ୍ରୀଙ୍କ ପୁତ୍ର 'ମଦନ ସୁନ୍ଦର' ସହିତ ବିବାହ ପାଇଁ ଜିଦରେ ଅଟଳ । ଏପଟେ ରାଜା ପ୍ରସ୍ତାବରେ ଅମଙ୍ଗ ହୋଇ ମଦନ ସୁନ୍ଦରକୁ ଛଳନା କରି ଘୋର ଜଙ୍ଗଲକୁ ମୃଗ ଶିକାର କରିବା ଉଦ୍ଦେଶ୍ୟରେ ପଠାଇ ମାରିବାର ଯୋଜନା କରି ଥିଲେ । ସାଙ୍ଗରେ ଘାତକକୁ ପଠାଇ ବ୍ୟାଘ୍ର ମୁହଁକୁ ମଦନ ସୁନ୍ଦରକୁ ଠେଲିବା ପାଇଁ ଆଦେଶ ଦେଇଥିଲେ । ମାତ୍ର ବିଧିର ବିଧାନ ଅଲଗା ହୋଇଥିଲା । ସେହିଦିନ ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ, ମଦନ ସୁନ୍ଦରର ଭଉଣୀ ମାଳତୀ ଭାଇ ପାଇଁ ଉପବାସ କରିଥାଏ । ଭାଇର ମଙ୍ଗଳକାମନା କରି ଜାଗର ଜାଳି ବସିଥାଏ । ଶହେ ଆଠ ଦୁବ, ଚାଉଳ, ବେଲପତ୍ର, ଅଁଳା, ଦହନା ଆଦି ମା' ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ଅର୍ପଣ କରି ଭାଇର ଆୟୁବୃଦ୍ଧି ପାଇଁ ବ୍ରତ ରଖିଥାଏ । ଘୋର ଅରଣ୍ୟ ମଧ୍ୟରେ ବ୍ୟାଘ୍ର ମୁହଁରେ ଘାତକ ପ୍ରାଣତ୍ୟାଗ କରିଛି । ମଦନ ସୁନ୍ଦର ସର୍ବକୁଶଳରେ ଘରକୁ ପ୍ରତ୍ୟାବର୍ତ୍ତନ କରିଛି । ମା' ଦୁର୍ଗାଙ୍କ ଶୁଭ ଦୃଷ୍ଟିରେ ଭାଇ ସକୁଶଳେ ଘରକୁ ଫେରି ନୂଆ ଜୀବନ ପାଇଛି ।

ଏହି ପୌରାଣିକ କଥା ବୁଝାଉଛି ଯେ, ଭଉଣୀ ଭାଇର ସୁରକ୍ଷା କବଚ । ଆଶ୍ୱିନ ଶୁକ୍ଳ ଅଷ୍ଟମୀ ତିଥିକୁ ମହାଷ୍ଟମୀ, ଦୁର୍ଗାଷ୍ଟମୀ ବୋଲି କହିଥାଉ । ଏହି ଦିନକୁ ଭାଇଜିଉନ୍ତିଆ ଓଷା ନାମରେ ବ୍ରତ ରଖିଥାଉ, ହେ ମା' ଦୁର୍ଗା ମୋ ଭାଇର ରିଷ୍ଟ ଖଣ୍ଡନ କରି ଶହେ ଆଠ ବର୍ଷ ଆୟୁବୃଦ୍ଧି କରି ତୁମ୍ଭ ଚରଣରେ ଆଶ୍ରା ଦିଅ, ଏହି ଗୁହାରି କରି ଭଉଣୀଟିଏ ମା' ଦୁର୍ଗାଙ୍କ ନିକଟରେ ଭାଇଜିଉନ୍ତିଆ ଓଷା ରଖିଥାଏ ।

ପ୍ରକୃତରେ ଭାଇ ପାଇଁ ଭଉଣୀଟିଏ । ଭଉଣୀ ପାଇଁ ଭାଇଟିଏ ଦରକାର । ସଂକଟ ସମୟରେ ଭଉଣୀ ମଧ୍ୟ ଭାଇର ଆଶ୍ରା ଖୋଜିଥାଏ । ପଶ୍ଚିମ ଓଡିଶାରେ ଏହି ଭାଇଜିଉନ୍ତିଆ ଓଷାକୁ ଏକ ପ୍ରଧାନ ପର୍ବ ରୂପେ ପାଳନ କରିଥାଉ । ଯେତେ ଦୂର ଦୂରାନ୍ତରେ ଭଉଣୀ ଥିଲେ ବି ଏହି ଦିନ ଭାଇ ପାଖକୁ ଆସିଥାଏ ।

ହେ ସ୍ରଷ୍ଟା ! ତୁମ ଦରବାରରେ ଭାଇ ନାମକ ଏକ ଅମୂଲ୍ୟ ଉପହାର ଦେଇଥିବାରୁ ଆପଣଙ୍କ ଠାରେ ଏ ନାରୀଜାତି ଯୁଗ ଯୁଗ ଧରି ଚିରଋଣୀ ହୋଇ ରହିବେ ।

ଆଚାର୍ଯ୍ୟା ସ.ଶି.ବି.ମ ସୋନପୁର

ଏ ଭାବେ ଦୃଢ଼ ଯାର ମନ । ସେ ପ୍ରାଣୀ ଭକତ ଉତ୍ତମ ।।

# ଦୀପାବଳୀ

*କବିରାଜ ପ୍ରଧାନ*

ପୁରାଣରେ ଅଛି ରାମଚନ୍ଦ୍ର ରାବଣଙ୍କୁ ବଧକରି ବିଜୟା ଦଶମୀ ଦିନ ସୀତାଙ୍କୁ ଉଦ୍ଧାର କରିଥିଲେ ଏବଂ କାର୍ତ୍ତିକ ଅମାବାସ୍ୟା ଦିନ ପ୍ରଭୁ ରାମଚନ୍ଦ୍ର ସୀତା, ଭ୍ରାତା ଲକ୍ଷ୍ମଣ ବାନର ଭାଲୁ ସେନାଙ୍କ ସହିତ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ । ଅଯୋଧ୍ୟାବାସୀ ଏହି ଦିନ ଅତି ଆନନ୍ଦରେ ଦୀପାଳୀ ଜାଳି ଆତସବାଜି ଫୁଟାଇ ସ୍ୱାଗତ ସମ୍ବର୍ଦ୍ଧନା କରି ଉତ୍ସବ ପାଳନ ପୂର୍ବକ ରାମଚନ୍ଦ୍ରଙ୍କୁ ସ୍ୱାଗତ କରିଥିଲେ । ଏହି ଦିନ କାଳୀ ପୂଜାର ବିଧାନ ମଧ୍ୟ ଥିଲା । କାର୍ତ୍ତିକ ମାସର ଦୀପାବଳି ଅମାବାସ୍ୟା ପିତୃପୁରୁଷଙ୍କ ପାଇଁ ଶ୍ରେଷ୍ଠ ତିଥି । ଏଣୁ ଏମାନଙ୍କୁ ସନ୍ତୁଷ୍ଟ କଲେ ମନୁଷ୍ୟ ନରକଗାମୀ ହୁଏ ନାହିଁ ବୋଲି ଧାରଣା ।

ଯେଉଁମାନେ ପରମାତ୍ମା ଓ ପରାର୍ଥ ବିଦ୍ୟାରେ ନିପୁଣ, ଯେଉଁମାନେ ବିଦ୍ୟୁତାଦି ପଦାର୍ଥ ବିଜ୍ଞାନ ଜାଣନ୍ତି, ଯେଉଁମାନେ ଉତ୍ତମ ବ୍ୟବହାର କରନ୍ତି, ଯେଉଁମାନେ ନିଜେ ଐଶ୍ୱର୍ଯ୍ୟଶାଳୀ ଏବଂ ଅନ୍ୟର ଐଶ୍ୱର୍ଯ୍ୟ ସମ୍ପାଦନ କରନ୍ତି, ଯେଉଁମାନେ ଔଷଧ ସେବନ ଦ୍ୱାରା ରୋଗମୁକ୍ତ ହୋଇଥାନ୍ତି ଏବଂ ମହୌଷଧି ଦାନ କରି ଅନ୍ୟ ଲୋକର ସ୍ୱାସ୍ଥ୍ୟ ସାଧନ କରନ୍ତି, ଯେଉଁମାନେ ମାଦକ ତଥା ହିଂସାକାରକ ଦ୍ରବ୍ୟ ଭୋଜନ କରନ୍ତି ନାହିଁ, ଯେଉଁମାନେ ଦୁଷ୍ଟକୁ ଦଣ୍ଡ ଦିଅନ୍ତି ଏବଂ ଶିଷ୍ଟ ପାଳନ କରନ୍ତି, ଯେଉଁମାନେ ସନ୍ତାନମାନଙ୍କୁ ପାଳନ କରନ୍ତି, ଗୌରବ କରନ୍ତି ଅର୍ଥାତ ପିତା, ପିତାମହ, ପ୍ରପିତାମହ, ମାତା, ପିତାମହୀ, ପ୍ରପିତାମହୀ, ଭାର୍ଯ୍ୟା, ଭଗିନୀ, ସମ୍ବନ୍ଧୀ, ଜ୍ଞାତି କୁଟୁମ୍ବ, ଅପର ଭଦ୍ର ଲୋକ ଓ ବୃଦ୍ଧ ବ୍ୟକ୍ତି ସେମାନେ ସମସ୍ତେ ପିତୃ ଲୋକ ଅଟନ୍ତି ।

ଦୀପାବଳି ଦିନ ଆଲୋକ ଦେବାର ବିଧାନ ରହିଛି । ସବୁ ରାତିଠାରୁ ଅମାବାସ୍ୟା ରାତି ଅତି ଅନ୍ଧାର । ବୋଧହୁଏ ସବୁ ଅମାବାସ୍ୟା ଠାରୁ ଦୀପାବଳି ଅମାବାସ୍ୟା ବଡ ଅନ୍ଧକାରମୟ । ଏ ହେତୁରୁ ଆଲୋକର ବିଧାନ ରହିଛି ।

ପିତୃପୁରୁଷଙ୍କ ଠାରୁ ପରୋକ୍ଷ ଭାବରେ ଆଶୀର୍ବାଦ କାମନା ଆମ୍ଭମାନଙ୍କ କେଉଁ କାଳରୁ ଚଳି ଆସୁଛି । ଦୀପ ଜାଳିଲେ ଅନେକ କୀଟପତଙ୍ଗ ନଷ୍ଟ ହୋଇଯାନ୍ତି ଫଳରେ ବାୟୁମଣ୍ଡଳକୁ ସୁସ୍ଥ ରଖିବାର ବିଧି ହେତୁ ଏହି ପର୍ବ ପାଳନ ମଧ୍ୟ କରାଯାଏ । ଦୀପାବଳୀ ଭାରତୀୟ ଜୀବନର ଏକ ସାଂସ୍କୃତିକ ପର୍ବ । ଏହି ପର୍ବକୁ ଆମ ଦେଶ ଓ ସମାଜରେ ଆନନ୍ଦ ତଥା ଆଲୋକର ପର୍ବ ଭାବରେ ପାଳନ କରାଯାଏ ।

ମୋଗଲ ଯୁଗରେ ଆବୁଲଫାଜଲଙ୍କର ଆଇନ-ଇ-ଆକବରୀରେ ଦୀପାବଳୀ ସମ୍ବନ୍ଧରେ ଲେଖାଥିବା ଜଣାଯାଏ । ଏହା ୧୪୦୦ ମସିହା ପରେ ହୋଇଥିବା ଜଣାଯାଏ ।

ମୁସଲମାନ ପରିବ୍ରାଜକ ଆଲବେରୁଣୀ ମଧ୍ୟ ଏହି ଦିନକୁ ‘ଲକ୍ଷ୍ମୀପୂଜା’ ଭାବେ ବିହିତ କରିଛନ୍ତି । ଲକ୍ଷ୍ମୀ ଏହି ଦିନ ବିରୋଚନଙ୍କ ପୁତ୍ର ବଳୀକୁ ମୁକ୍ତି ଦେଇଥିଲେ । ଏଣୁ ଏହି ପର୍ବ ‘ବଳୀ ରାଜ୍ୟ’ ନାମରେ ମଧ୍ୟ ବିଖ୍ୟାତ । ଆକବର ମଧ୍ୟ ତାଙ୍କର ଶାସନ ସମୟରେ ତାଙ୍କ ହିନ୍ଦୁ ମନ୍ତ୍ରୀମାନେ ଦୌଲତଖାନା ଆଗରେ ୪୦ ଫୁଟ ବିଶିଷ୍ଟ ବାଉଁଶ ଉପରେ ମାଟିପାତ୍ର ରଖି ୧୬ଟି ଦଉଡି ବାନ୍ଧି ମାଟିପାତ୍ରକୁ

ଈଶ୍ୱରଠାରେ ପ୍ରେମ କରେ । ମିତ୍ର ଭାବନା ସାଧୁଠାରେ ।।

ଉପରେ ଝୁଲାଉ ଥିଲେ, ଯାହା ଆକାଶ ଦୀପ ବୋଲି ପରିଚିତ ।

ଆଲୋକର ପର୍ବ ଦୀପାବଳୀ ଅନ୍ଧାର ଉପରେ ଆଲୋକର ବିଜୟ ରୂପେ ବିବେଚିତ । ଦୀପାବଳୀ ଆମ ସଂସ୍କୃତିର ଏକ ପ୍ରାଚୀନ ଏବଂ ପାରମ୍ପରିକ ପର୍ବ । ଏହି ପର୍ବକୁ 'ନବଶଜ୍ୟେଷ୍ଠା' ପର୍ବ ମଧ୍ୟ କୁହାଯାଏ । ଏହି ଦିନ ଖରିଫ ଫସଲରେ କୃଷକମାନଙ୍କ ଭଣ୍ଡାର ଭର୍ତ୍ତି ହୁଏ । ଏହି ପର୍ବ ବ୍ୟବସାୟୀମାନଙ୍କ ମଧ୍ୟ ମହାନ ପର୍ବ ଏହି ଦିନ ନୂଆ ଫସଲକୁ ଯଜ୍ଞ ମାଧ୍ୟମରେ ଭଗବାନଙ୍କୁ ଅର୍ପଣ କରିବାର ବିଧି ରହିଛି । ପ୍ରାଚୀନ ଭାରତରେ ମଧ୍ୟ ଏହାର ବର୍ଣ୍ଣନା ରହିଛି । 'ନବଶଜ୍ୟେଷ୍ଠା'ର ଅର୍ଥ ହେଉଛି ନୂଆ ଫସଲକୁ ଯଜ୍ଞ ମାଧ୍ୟମରେ ଅର୍ପଣ କରିବା ଏବଂ ସେହି ଅନ୍ନକୁ ନିଜ ସକାଶେ ଉପଯୋଗ କରିବାର ବିଧି ରହିଛି । ବେଦରେ କୁହାଯାଇଛି ଲକ୍ଷ୍ମୀର୍ମାଜୀବ୍ୟଃ କୃଷି ଇତ୍ କୃଷବ୍ୟ ଅର୍ଥାତ୍ ଧନ ଆଶାୟୀ ବ୍ୟକ୍ତି କୃଷି ପ୍ରତି ଯତ୍ନଶୀଳ ହେବା ବିଧେୟ ।

ଏହା ବ୍ୟତୀତ ପୁରାଣ ଅନୁସାରେ ଭଗବାନ ଶ୍ରୀ ରାମ ଏହି ଦିନ ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଉପଲକ୍ଷେ ଅଯୋଧ୍ୟାର ପ୍ରଜା ରାମଚନ୍ଦ୍ରଙ୍କୁ ଅଭିନନ୍ଦନ ଜଣାଇବା ସକାଶେ ଅଯୋଧ୍ୟାରେ ଏକ ଉତ୍ସବ ଆୟୋଜନ କରିଥିଲେ । ଯାହା ଦୀପାବଳୀ ଉତ୍ସବ ଭାବରେ ଆମେ ପାଳନ କରିଆସୁଛୁ । ଦୀପାବଳୀ ଏକ ସାଂସ୍କୃତିକ ପର୍ବ, ଏକତାର ପର୍ବ ତଥା ଆନନ୍ଦର ପର୍ବ ।

*ପତ୍ରିକା ପ୍ରତିନିଧି*

*ଦକ୍ଷିଣ ପଶ୍ଚିମ ସମ୍ଭାଗ, ଶିକ୍ଷା ବିକାଶ ସମିତି, ଓଡ଼ିଶା*

## -: କବି ଓ ଲେଖକମାନଙ୍କୁ ନିବେଦନ :-

ପ୍ରିୟବନ୍ଧୁ ଓ ଭଗିନୀ !

ସାରସ୍ୱତ ଅଭିନନ୍ଦନ ଓ ଶୁଭେଚ୍ଛା । ଶିକ୍ଷାସୃଜନୀ ପରିବାରର ଅଭିନ୍ନ ଅଙ୍ଗ ଲେଖକଲେଖିକାମାନଙ୍କୁ ସାରସ୍ୱତ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସାରସ୍ୱତ ସାଧନାର ସ୍ୱୀକୃତି ସ୍ୱରୂପ ଶିକ୍ଷାସୃଜନୀ ପତ୍ରିକା ଆଜି ଓଡ଼ିଶାର ସର୍ବାଧିକ ପ୍ରସାରିତ ପତ୍ରିକା ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏବେ ଏବେ ଟେକ୍ନୋଲୋଜିର ବହୁଳ ବ୍ୟବହାର କାରଣରୁ ଆପଣମାନେ ଲେଖାଗୁଡ଼ିକୁ ଇ-ମେଲ ମାଧ୍ୟମରେ ପଠାଉଛନ୍ତି । ଏହା ସ୍ୱାଗତଯୋଗ୍ୟ, ମାତ୍ର ଲେଖାଗୁଡ଼ିକୁ ଇ-ମେଲ କରିବା ସମୟରେ ନିମ୍ନଲିଖିତ ବିନ୍ଦୁ ପ୍ରତି ଦୃଷ୍ଟି ଦେବାକୁ ବିନୀତ ଅନୁରୋଧ ।

୧) ଯଦି ଲେଖାଗୁଡ଼ିକୁ ଡି.ଟି.ପି. କରି ପଠାଉଛନ୍ତି ତେବେ ତାହାକୁ ଆକୃତି ଓଡ଼ିଆ ଶାରଳା ଫଣ୍ଟ ମାଧ୍ୟମରେ ଡି.ଟି.ପି. କରି ଓରିଜିନାଲ୍ ଫାଇଲ୍ ସହ ପଠାଇବେ ।

୨) ଯଦି ହାତ ଲେଖା ଇ-ମେଲ୍ /ୱାଟସ୍ଆପ୍ ମାଧ୍ୟମରେ ପଠାଉଛନ୍ତି ତେବେ ଡକ୍ ସ୍କାନରରେ ସ୍କାନ କରି ଇ-ମେଲ ମାଧ୍ୟମରେ ପଠାନ୍ତୁ ଅଥବା ମୋବାଇଲରେ ଯେକୌଣସି ସ୍କାନର ଆପ୍ ଲୋଡ୍ କରି ସେହି ଆପ୍‌ରେ ସ୍କାନ କରି ପଠାନ୍ତୁ ।

୩) ହାତ ଲେଖାକୁ ମୋବାଇଲ କ୍ୟାମେରାରେ ଫଟୋ ଉଠାଇ କେବେବି ଇ-ମେଲ୍ /ୱାଟସ୍ଆପ୍‌ରେ ପଠାନ୍ତୁ ନାହିଁ । ଏହା ପ୍ରକାଶ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ ।

୪) ଯଦି କାଗଜରେ ହାତଲେଖା ପଠାଉଛନ୍ତି ତେବେ A4 କାଗଜରେ ଗୋଟିଏ ପାଖରେ ଲେଖି ପଠାନ୍ତୁ । ମାର୍ଜିନ୍ ରହିବା ଆବଶ୍ୟକ ।

ସମ୍ପାଦକ

କରୁଣା ଅଜ୍ଞାନ ଲୋକରେ । କରେ ଉପେକ୍ଷା ଶତ୍ରୁଠାରେ ।।

ଜୀବନ ମୂଲ୍ୟ

# ଋଷି ଉଗସ୍ତି ଚକ୍ରାୟଣ ଓ ଦେବ ପୂଜା

✹ ଶ୍ରୀ ନରେନ୍ଦ୍ରକୁମାର ରାଉଳ

ଏକଦା କରକାପାତ କାରଣରୁ କୁରୁଦେଶର ଫସଲ ନଷ୍ଟ ହୋଇଗଲା । ସେହି ସମୟରେ ଇଭ୍ୟ ଗ୍ରାମରେ ଚକ୍ର ଋଷିଙ୍କ ପୁତ୍ର ଉଗସ୍ତି ନିଜର ପତ୍ନୀଙ୍କ ସହିତ ଅତ୍ୟନ୍ତ ଦୀନହୀନ ଅବସ୍ଥାରେ ରହୁଥିଲେ । ଉଗସ୍ତି ସେହି ଗ୍ରାମରେ ରହୁଥିବା ଜଣେ ମାହୁନ୍ତଙ୍କୁ ଭିକ୍ଷା ମାଗିଲେ । ମାହୁନ୍ତ କହିଲା, ମୋ ପାଖରେ ମୁଁ ଖାଉଥିବା ଉଚ୍ଛିଷ୍ଟ ବିରି ଛଡା ଅନ୍ୟ କିଛି ଅନ୍ନ ନାହିଁ । ଋଷି ଉଗସ୍ତି କହିଲେ, ତହିଁରୁ କିଛି ମୋତେ ଦିଅ । ମାହୁନ୍ତ କହିଲା, ଏହାକୁ ଖାଇ ଆପଣ ପାଣି ପିଅନ୍ତୁ । ଉଗସ୍ତି କହିଲେ, ପାଣି ପିଇଲେ ମୋତେ ଅଇଁଠା ପାଣି ପିଇବାର ଦୋଷ ଲାଗିବ । ମାହୁନ୍ତ କହିଲା, ଏ ବିରି କ'ଣ ଉଚ୍ଛିଷ୍ଟ ନୁହେଁ ? ଉଗସ୍ତି କହିଲେ, ଏହାକୁ ଖାଇବା ବିନା ମୁଁ ବଞ୍ଚିପାରିବି ନାହିଁ । କିନ୍ତୁ ମୋତେ ପାଣି ଯେ କୌଣସି ସ୍ଥାନରେ ମିଳିପାରିବ । ଉଗସ୍ତି ଋଷି ତହିଁରୁ କିଛି ଖାଇ ଅବଶିଷ୍ଟ ବିରି ନେଇ ନିଜର ପତ୍ନୀଙ୍କୁ ଦେଲେ । ତାଙ୍କର ପତ୍ନୀ ପୂର୍ବରୁ କିଛି ଭିକ୍ଷା ପାଇ ସାରିଥିଲେ । ତେଣୁ ସେ ଏହି ବିରିକୁ ସ୍ୱାମୀଙ୍କ ପାଇଁ ରଖିଦେଲେ । ପରଦିନ ପ୍ରାତଃକାଳରେ ଉଗସ୍ତି ଋଷି ପତ୍ନୀଙ୍କୁ କହିଲେ, କେଉଁ ଠାରୁ ଯଦି କିଛି ଏବେ ଅନ୍ନ ମିଳିଯାଆନ୍ତା ତାକୁ ଖାଇ ମୋ ମଧ୍ୟରେ କିଛି ଶକ୍ତି ଆସିଯାଆନ୍ତା ଓ କିଛି ଧନ ସଂଗ୍ରହ ପାଇଁ ଯାଇପାରନ୍ତି । ନିକଟରେ ଜଣେ ରାଜା ଯଜ୍ଞ କରିବେ ମୁଁ ସେଠାକୁ ଗଲେ ସେ ନିଶ୍ଚୟ ମୋତେ ଋତିକ କର୍ମ ପାଇଁ ବରଣ କରିବେ । ଋଷି ପତ୍ନୀ ତାଙ୍କୁ କହିଲେ, ଆପଣ ଦେଇଥିବା ବିରି ମୁଁ ଆପଣଙ୍କ ପାଇଁ ରଖିଛି, ତାହାକୁ ଖାଇ ଆପଣ ଯଜ୍ଞ ସ୍ଥାନକୁ ପ୍ରସ୍ଥାନ କରନ୍ତୁ ।

ଋଷି ଉଗସ୍ତି ଯଜ୍ଞ ସ୍ଥାନକୁ ଯାଇ ଏକ ଆସନରେ ବସିଗଲେ ଓ ପ୍ରସ୍ତୋତାଙ୍କୁ କହିଲେ, ଆପଣ ଯେଉଁ ଦେବତାଙ୍କୁ ସ୍ତୁତି କରୁଛନ୍ତି ତାଙ୍କୁ ନ ଜାଣି ଯଦି ଆପଣ ସ୍ତୁତି କରିବେ, ତେବେ ଆପଣଙ୍କର ଶରୀରରୁ ମସ୍ତକ କଟିଯିବ । ସେହିପରି ଉଦ୍‌ଗାତାଙ୍କ ନିକଟକୁ ଯାଇ କହିଲେ, ଆପଣ ଯେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ଉଦ୍‌ଗୀଥ ଗାନ କରୁଛନ୍ତି, ତାଙ୍କୁ ନ ଜାଣି ଯଦି ଉଦ୍‌ଗୀଥ ଗାନ କରିବେ, ତେବେ ଆପଣଙ୍କର ଶରୀରରୁ ମସ୍ତକ କଟିଯିବ । ସେହିପରି ପ୍ରତିହର୍ତ୍ତାଙ୍କୁ ଋଷି ଉଗସ୍ତି ଅନୁରୂପ କହିଲେ । ଏହା ଶୁଣି ପ୍ରସ୍ତୋତା, ଉଦଗାତା ଓ ପ୍ରତିହର୍ତ୍ତା ଆଦି ନିଜ ନିଜ କର୍ମରୁ ବିରତ ହୋଇ ବସିଗଲେ ଓ ତତ୍ତ୍ୱଜ୍ଞ ଋଷି ଉଗସ୍ତିଙ୍କ ନିକଟରେ ନିଜର ଅଜ୍ଞାନତା ସ୍ୱୀକାର କଲେ ।

ଉଗସ୍ତି ଋଷିଙ୍କୁ ଯଜମାନ ରାଜା କହିଲେ, ଆପଣଙ୍କ ଭଳି ପୂଜ୍ୟଙ୍କ ବିଷୟରେ ଜାଣି ମୁଁ ଏସବୁ ଋତିକ କର୍ମ ପାଇଁ ଆପଣଙ୍କୁ ଖୋଜିଥିଲି । କିନ୍ତୁ ଆପଣଙ୍କ ସାକ୍ଷାତ ନ ପାଇ ମୁଁ ଏମାନଙ୍କୁ ବରଣ କରି ସାରିଛି । ଆପଣ ଏବେ କୃପା କରି ମୋର ସମ୍ପୂର୍ଣ୍ଣ ଯଜ୍ଞକୁ ସମ୍ପନ୍ନ କରନ୍ତୁ । ଋଷି ଉଗସ୍ତି କହିଲେ, ଠିକ୍ ଅଛି ମୁଁ ଯଜ୍ଞ ସମ୍ପନ୍ନ କରିବି । ସେମାନଙ୍କୁ କୁହନ୍ତୁ ସେମାନେ ମୋ କହିବାନୁସାରେ ସ୍ତୁତି କରିବେ ଏବଂ ଆପଣ ଯେତେ ଧନ ସେମାନଙ୍କୁ ଦେବେ ମୋତେ ମଧ୍ୟ ସେତିକି ଧନ ଦେବେ । ରାଜା ଏଥିରେ ସମ୍ମତି ଜଣାଇଲେ ।

ଏହା ପରେ ପ୍ରସ୍ତୋତା ଉଗସ୍ତି ଋଷିଙ୍କ ନିକଟକୁ ଆସିଲେ ଓ ସ୍ତୁତି କରୁଥିବା ଦେବତାଙ୍କ ସମ୍ବନ୍ଧରେ ଜାଣିବାକୁ ଇଚ୍ଛା କଲେ । ଉଗସ୍ତି ଋଷି କହିଲେ, ସେହି ଦେବତା ହେଉଛନ୍ତି ପ୍ରାଣ । ପ୍ରଳୟ କାଳରେ ସମସ୍ତ ପ୍ରାଣୀ ପ୍ରାଣରେ ପ୍ରବେଶ କରନ୍ତି । ଉତ୍ପତ୍ତି ସମୟରେ ଏହି ପ୍ରାଣରୁ ଉତ୍ପନ୍ନ ହୁଅନ୍ତି । ଏହି ପ୍ରାଣ ହିଁ ସତ୍ୟ ଦେବ । ତୁମେ ନ ଜାଣି ତାଙ୍କୁ ଯଦି ସ୍ତୁତି କର, ତେବେ ମୋ ବଚନ ଅନୁସାରେ ତୁମ ଶିର ନିଶ୍ଚୟ କଟିଯିବ ।

ଏହା ପରେ ଉଦ୍‌ଗାଥା ତାଙ୍କ ନିକଟକୁ ଆସି ସ୍ତୁତି କରୁଥିବା ଦେବତାଙ୍କ ସମ୍ବନ୍ଧରେ ଜାଣିବାକୁ ଇଚ୍ଛା ପ୍ରକାଶ କଲେ । ଋଷି ଉଗସ୍ତି କହିଲେ, ସେ ହେଉଛନ୍ତି 'ଆଦିତ୍ୟ' କାରଣ ସମସ୍ତ ପ୍ରାଣୀ ଉଦୀୟମାନ ସୂର୍ଯ୍ୟଙ୍କୁ ଗାନ କରନ୍ତି । ଏହି ଦେବତା ଉଦ୍‌ଗୀଥ ସହିତ ସମ୍ବନ୍ଧିତ । ସେହିପରି ପ୍ରତିହର୍ତ୍ତା ମଧ୍ୟ ଜିଜ୍ଞାସା କଲେ । ଋଷି ଉଗସ୍ତି କହିଲେ, ସମସ୍ତ ପ୍ରାଣୀ ଅନ୍ନ ଗ୍ରହଣ କରି ଜୀବନ ଧାରଣ କରନ୍ତି । ଏହି ପ୍ରତିହରଣରେ ଅନ୍ନ ଦେବତା ସମ୍ବନ୍ଧିତ । ତେଣୁ ସେହି ଦେବତା ହେଉଛନ୍ତି 'ଅନ୍ନ' । ତତ୍ତ୍ୱଜ୍ଞ ଋଷି ଉଗସ୍ତି ଏହା ପରେ ଦେବସ୍ତୁତି ସହିତ ଯଜ୍ଞ ସମ୍ପନ୍ନ କରିଥିଲେ ।

ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ,
ଶି.ବି.ସ. ଓଡ଼ିଶା

ବନ୍ଧୁ ସୁହୃଦ ଗୃହଗତେ । ଯେ ପ୍ରାଣୀ ଗମେ ଶୂନ୍ୟହସ୍ତେ ॥

**ଭାଷା ବିଭବ**

# ହର୍ତାକର୍ତାଦୈବବିଧାତା

*ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ*

ଉପର୍ଯ୍ୟୁକ୍ତ ଶିରୋନାମାକୁ ପଢ଼ି କାହାରି କାହାରି ମନରେ ଏ କି ପ୍ରକାର ଶବ୍ଦ ବୋଲି ଭାବନା ଆସୁଥିବ । ଆସିବା ସ୍ୱାଭାବିକ ମଧ୍ୟ । ଶବ୍ଦ ଶବ୍ଦ ମଧ୍ୟରେ ବ୍ୟବଧାନ ନ ଥାଇ ଦୁଇଟା ନୁହେଁ କି ତିନିଟା ନୁହେଁ ଚାରିଟା ଶବ୍ଦକୁ ଏକାଠି ଲେଖାଯାଇଛି । ଏପରି ଲେଖିବା କ'ଣ ଠିକ୍ ହେବ ? ଏହାର ଉତ୍ତର ହଁ ହେବ । ସନ୍ଧି ଓ ସମାସର ସାହାଯ୍ୟରେ ଏକାଧିକ ପଦକୁ ସଂକ୍ଷେପରେ ପ୍ରକାଶ କରାଯାଇଥାଏ । ସମାସରେ ତାକୁ ସମସ୍ତ ପଦ କୁହାଯାଏ । ହର୍ତାକର୍ତା, ଦୈବ ଓ ବିଧାତାକୁ ନେଇ ଉକ୍ତ ଶବ୍ଦଟି ଗଠିତ ହୋଇଛି ଯାହା ଦ୍ୱନ୍ଦ୍ୱ ସମାସ ଅନ୍ତର୍ଗତ । ଦ୍ୱନ୍ଦ୍ୱ ସମାସ ହେଉଛି ଭଗବାନଙ୍କ ସ୍ୱରୂପ । ଶ୍ରୀମଦ୍ ଭଗବତ ଗୀତାର ଦଶମ ଅଧ୍ୟାୟର ତେତିଶତମ ଶ୍ଳୋକରେ ଭଗବାନ କହିଛନ୍ତି, 'ଅକ୍ଷରାଣାମକାରୋସ୍ମି ଦ୍ୱନ୍ଦ୍ୱଃ ସମାସିକସ୍ୟ ଚ' ଯାହାର ଅର୍ଥ ହେଉଛି ମୁଁ ଅକ୍ଷରମାନଙ୍କ ମଧ୍ୟରେ 'ଅ'କାର ଏବଂ ସମାସମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସମାସ ଅଟେ । ହର୍ତାକର୍ତାଦୈବବିଧାତା ଶବ୍ଦଟି ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି । ଯିଏ କର୍ତା (ସବୁ କିଛି କରନ୍ତି), ସିଏ ବିଧାତା (ଧାରଣ କରନ୍ତି) ଆଉ ସିଏ ହର୍ତା (ହରଣ ବା ସଂହାର କରନ୍ତି) ସର୍ବୋପରି ସେ ଦୈବ ।

ଉପର୍ଯ୍ୟୁକ୍ତ ଶିରୋନାମାରେ ଆଉ ଦୁଇଟି ଶବ୍ଦ ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିବ ନିଶ୍ଚୟ । ସେ ଦୁଇଟି ଶବ୍ଦ ହେଲେ 'ହର୍ତା' ଆଉ 'କର୍ତ୍ତା' । 'ହର୍ତା' ଆଉ 'କର୍ତା' କୁ ସଚରାଚର 'ହର୍ତ୍ତା' ଆଉ 'କର୍ତ୍ତା' ଲେଖା ଯାଇଥାଏ । 'ହର୍ତ୍ତା' ଶବ୍ଦଟି ହୃ ଧାତୁରେ ତୃ ପ୍ରତ୍ୟୟ ଏବଂ 'କର୍ତ୍ତା' ଶବ୍ଦଟି କୃ ଧାତୁରେ ତୃ ପ୍ରତ୍ୟୟ ହୋଇ ସୃଷ୍ଟି ହୋଇଛି । ସେହିପରି 'ତୃଷାର୍ତ' ଓ 'ଆର୍ତନାଦ' ଶବ୍ଦ ଦୁଇଟିକୁ ବ୍ୟାଖ୍ୟା କଲେ ଦେଖାଯିବ ଯେ ତୃଷା + ଆର୍ତ (ଆ+ଋ+ତ) = ତୃଷାର୍ତ ଏବଂ ଆର୍ତ + ନାଦ = ଆର୍ତ୍ତନାଦ । ଆ+ଋ+ତ=ଆର୍ତ୍ତ (ଆର୍ତ) ଶବ୍ଦଟି ଗଠିତ ହୋଇଛି । ଗୁଣ ନିୟମ ଅନୁସାରେ 'ଋ' ଅର ହୋଇଛି ।

କର୍ତ୍ତାକୁ କର୍ତା, କୀର୍ତ୍ତିକୁ କୀର୍ତି, ତୃଷାର୍ତ୍ତକୁ ତୃଷାର୍ତ, ଆର୍ତ୍ତନାଦକୁ ଆର୍ତନାଦ, ବର୍ତ୍ତମାନକୁ ବର୍ତମାନ, ଅର୍ଜ୍ଜୁନକୁ ଅର୍ଜୁନ, ଦୁର୍ଜ୍ଜନକୁ ଦୁର୍ଜନ, ଆର୍ଜ୍ଜବକୁ ଆର୍ଜବ, ଅର୍ଜ୍ଜନକୁ ଅର୍ଜନ, ସର୍ଜ୍ଜନୀୟକୁ ସର୍ଜନୀୟ, ଉତ୍ତୀର୍ଣ୍ଣ (ଉତ+ତୃ+ତ)କୁ ଉତ୍ତୀର୍ଣ, ବିସ୍ତୀର୍ଣ୍ଣକୁ (ବି+ସ୍ତୃ+ତ) ବିସ୍ତୀର୍ଣ, ବିଦୀର୍ଣ୍ଣକୁ (ବି+ଦୃ+ତ) ବିଦୀର୍ଣ, ସଂକୀର୍ଣ୍ଣକୁ (ସମ+କୃ+ତ) ସଂକୀର୍ଣ, ବର୍ଣ୍ଣକୁ (ବୃ+ନ) ବର୍ଣ, ବର୍ଣ୍ଣମାଳାକୁ ବର୍ଣମାଳା, ବର୍ଣ୍ଣବୋଧକୁ ବର୍ଣବୋଧ, ସବର୍ଣ୍ଣକୁ ସବର୍ଣ, ସୁବର୍ଣ୍ଣକୁ ସୁବର୍ଣ, ବର୍ଣ୍ଣାଳୀକୁ ବର୍ଣାଳୀ, ଅର୍ଚ୍ଚନକୁ ଅର୍ଚନ, ଅର୍ଚ୍ଚନାକୁ ଅର୍ଚନା, ଅର୍ଚ୍ଚକକୁ ଅର୍ଚକ, ଅର୍ଚ୍ଚନୀୟକୁ ଅର୍ଚନୀୟ, ଦର୍ଦ୍ଦୁରକୁ ଦର୍ଦୁର, ହାର୍ଦ୍ଦିକକୁ ହାର୍ଦିକ, ସର୍ଦ୍ଦିକୁ ସର୍ଦି, ମୁର୍ଦ୍ଦାରକୁ ମୁର୍ଦାର, ସର୍ଦ୍ଦାରକୁ ସର୍ଦାର, ସୂର୍ଯ୍ୟକୁ ସୂର୍ଯ, କାର୍ଯ୍ୟକୁ କାର୍ଯ, ଆର୍ଯ୍ୟକୁ ଆର୍ଯ, ଧୈର୍ଯ୍ୟକୁ ଧୈର୍ଯ, ଆଚାର୍ଯ୍ୟକୁ ଆଚାର୍ଯ, ପର୍ଯ୍ୟାପ୍ତକୁ ପର୍ଯାପ୍ତ, ସାହଚର୍ଯ୍ୟକୁ ସାହଚର୍ଯ, ପର୍ଯ୍ୟାବରଣକୁ ପର୍ଯାବରଣ ଲେଖିବାରେ କୌଣସି ପ୍ରକାର ବ୍ୟାକରଣଗତ ତ୍ରୁଟି ନାହିଁ । ତେବେ ମନରେ ସ୍ୱତଃ ପ୍ରଶ୍ନ ଆସେ ଆମେ ବର୍ତମାନ ନ ଲେଖି ବର୍ତ୍ତମାନ, ବର୍ଣବୋଧ ନ ଲେଖି ବର୍ଣ୍ଣବୋଧ, ଆଚାର୍ଯ ନ ଲେଖି ଆଚାର୍ଯ୍ୟ କାହିଁକି ଲେଖୁଛେ ? ରେଫଯୁକ୍ତ ଅକ୍ଷରକୁ ବିକଳ୍ପେ ଦ୍ୱିତ୍ୱ କରିବାର ପ୍ରାଚୀନ ପରମ୍ପରା ରହିଛି । ଦ୍ୱିତ୍ୱ ନ କଲେ ବ୍ୟାକରଣଗତ କୌଣସି ତ୍ରୁଟି ରହିବ ନାହିଁ ।

ପୂର୍ବରୁ ଧର୍ମ, କର୍ମ, ଶର୍ମା, ନିର୍ଲଜ, ଅର୍ଜୁନ ଆଦି ଶବ୍ଦକୁ ଯଥାକ୍ରମେ ଧର୍ମ୍ମ, କର୍ମ୍ମ, ନିର୍ଲ୍ଲଜ୍ଜ, ଅର୍ଜ୍ଜୁନ ଲେଖାଯାଉଥିଲା କିନ୍ତୁ ଏବେ ତାହା କରାଯାଉ ନାହିଁ । ସେହିପରି ରେଫଯୁକ୍ତ ଅନ୍ୟ ଅକ୍ଷରଗୁଡ଼ିକ ମଧ୍ୟ କାଳକ୍ରମେ ଦ୍ୱିତ୍ୱରୁ ମୁକ୍ତ ହୋଇ ସାଧାରଣ ଭାବରେ ଲିଖିତ ହେବାର ବହୁ ସମ୍ଭାବନା ରହିଛି ।

ଏକଦା ଅସାବଧାନତାବଶତଃ ଗୃହରେ ଆବଦ୍ଧ ଥିବା ମାଆ ବିରାଡ଼ି ଓ ଛୁଆ ବିରାଡ଼ିଙ୍କ ଦୁଃଖରେ ମ୍ରିୟମାଣ ବୈଜ୍ଞାନିକ ଜଣକ ସେମାନଙ୍କ ସ୍ୱଚ୍ଛନ୍ଦ ଯାତାୟାତ ନିମନ୍ତେ କବାଟରେ ଉଭୟଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର କଣା କରିବାକୁ ବଢ଼େଇକୁ ପ୍ରସ୍ତାବ ଦେଲେ । ମାଆ ବିରାଡ଼ି ଯାଇପାରିବା ଭଳି ଗୋଟିଏ କଣାରେ ଛୁଆ ବିରାଡ଼ିଟି ମଧ୍ୟ ଯାଇପାରିବାର ପ୍ରସ୍ତାବରେ ସେଦିନ ବଢ଼େଇକୁ ସେ ବହୁତ ଧନ୍ୟବାଦ ଦେଇଥିଲେ । ଯଦି ଗୋଟିଏ ଅକ୍ଷରରେ ଚଳିଯିବ ତେବେ ଦ୍ୱିତ୍ୱ କରିବାର କି ଆବଶ୍ୟକତା ଅଛି ? କିନ୍ତୁ ଏଥିରେ ଅନଭ୍ୟସ୍ତ ଶିକ୍ଷକଶିକ୍ଷିକାମାନଙ୍କର ନାଲି ଛକ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ସାଧୁ ସାବଧାନ ।

*ପ୍ରାନ୍ତ ନିରୀକ୍ଷକ, ଶିକ୍ଷା ବିକାଶ ସମିତି, ଓଡ଼ିଶା*

**କବିତା ପସରା**

# ମାଆ

▪ *ଶଶିଭୂଷଣ ମିଶ୍ର*

ମାଆ ତୁମେ ଆଜି ଆସିଛ ଧରାକୁ
ଆମେ କରୁ ସିନା ପୂଜା
ଗତ ବର୍ଷ ପରି ସାଜସଜା ନାହିଁ
ବାଜୁ ନାହିଁ କାହିଁ ବାଜା ?
କାହାରି ମୁହଁରେ ହସ ଟିକେ ନାହିଁ
କରୋନା ଯାଇଛି ନେଇ
କଟକଣା ମାନି ତୁମ ପୂଜା କରୁ
ଖାଲି ବିଧି ରକ୍ଷା ପାଇଁ ।
କେହି ଆସୁନାହିଁ ଦରଶନ ପାଇଁ
ସଭିଙ୍କୁ ହୋଇଛି ମନା
ପୂଜାର ମଣ୍ଡପ ଖାଆଁ ଖାଆଁ ଆଜି
ଲାଗୁଅଛି ଭକ୍ତ ବିନା ।
ଆନନ୍ଦ ଉତ୍ସାହ କାହା ମନେ ନାହିଁ
ରହିଅଛି ଭାରି ଡର
ନିଜ ଲୋକମାନେ ହେଇଯାଇଛନ୍ତି
ତାହା ପାଇଁ ସାତ ପର ।
କାହାରି ଘରକୁ ଯାଇ ପାରୁନାହିଁ
ପାଖକୁ ଆସୁନି କେହି
ଅତି ଲୋଡା ହେଲେ ପଦାକୁ ଯାଉଛୁ
ମୁହଁରେ ତୁଣ୍ଡିଟେ ଦେଇ ।
ଦେଢ଼ ବର୍ଷ ହେବ କରୋନାର ପାଇଁ
ଆମେ ହେଉଅଛୁ ଦହି
ଏ କଥା କାହାକୁ କହି ତ ପାରୁନୁ
ନୀରବେ ଯାଉଛୁ ସହି ।
ଦାନବଙ୍କ ଠାରୁ ବେଶୀ ଭୟଙ୍କର
ମହାମାରୀ ରୂପେ ଆସି
କେତେ ଯେ ଜୀବନ ନିଇତି ନେଉଛି
ଲାଗୁଛି ତାହାକୁ ଖୁସି ।
ତା ସହିତ ଆମ ସଂଗ୍ରାମ ଚାଲିଛି
ଦିନ ରାତି ଅହରହ
ଏଯାଏ ତାହାକୁ ହରାଇ ପାରିନୁ
ହୋଇନି ଆମରି ଜୟ ।
ପୂଜା ଅବସରେ ତୁମ ପାଦ ତଳେ
କରୁଛୁ ପ୍ରାର୍ଥନା ମାଆ
ଦୁଷ୍ଟ କରୋନାକୁ ହରାଇବା ପାଇଁ
ତୁମେ ହୁଅ ଆମ ସାହା ।

*କଲେଜରୋଡ୍, ସାଲେପୁର, କଟକ*



**ସେ ଭକ୍ତ ମଧ୍ୟମ ଅଟଇ । ଯେଣୁ ସେ ଭେଦକୁ ଦେଖଇ ।।**

# ଅଖଣ୍ଡ ଭାରତ

*ଶ୍ରୀ ସନ୍ତୋଷକୁମାର ବିଷୋୟୀ*

ଦେଶର ପ୍ରଗତି ହେଲେ ଅଧୋଗତି
ଦେଶ କି ରହିବ ଭଲେ
ଦେଶ ରାଷ୍ଟ୍ର ମାଟି ରହିଲେ ଅକ୍ଷୁଣ୍ଣ
ଜୀବନ ବଞ୍ଚିବ ଭଲେ ।
ଶିବାଜୀ ରାଣାଜୀ ଭଗତ ନେତାଜୀ
ଦେଶର ଉତ୍ଥାନ ପାଇଁ
ସାହସ ଜୁଟାଇ ଇଂରେଜ ସାଥିରେ
ଲଢ଼ିଲେ ମୁକତି ପାଇଁ ।
ଚନ୍ଦ୍ର ଶେଖର ବୀର ସାବରକର
କୋଣ ଅନୁକୋଣ ଯାଇ
ଦେଶର ପ୍ରଗତି ବାରତା ବିଛାଇ
ଇଂରେଜ ଦେଲେ ଭଗାଇ ।
ଶୁଖ ଦେବ ଖୁଦୀରାମ ଦେଶ ପାଇଁ
ବଳୀଦାନ ଥିଲେ ଦେଇ
ତିଳକ ଗୋଖେଲ ଆଇନ ବଳରେ
ଇଂରେଜ ଗଲେ ପଳାଇ ।
ଏ ମାଟି ପବିତ୍ର ପୁଣ୍ୟ ଦେବ ଭୂଇଁ
ଜନମି ଅଛନ୍ତି ସାଇଁ
ଯୁଗେ ଯୁଗେ ବୀର ସନ୍ତାନ ଏଇଠି
ବିଷ୍ଣୁ ଅବତାର ନେଇ ।
ଗୋଦାବରୀ ଠାରୁ କନ୍ୟାକୁମାରୀ ଯେ
ହିମାଳୟ ଉତ୍ତରରେ
ଦକ୍ଷିଣେ ହିନ୍ଦୁ ସରୋବର ଉଦଧି
ସର୍ବ ସ୍ଥିତ ଭାରତରେ ।
ଖଣ୍ଡ ବିଖଣ୍ଡ ନୁହଇ ମୋ ଭୂଖଣ୍ଡ
ଛୁଆଁଇ ଦେବିନି କାରେ
ମାଆକୁ ମୋହର ଖଣ୍ଡିତ କରିଲେ
ଧ୍ୱସଂ ହେବ ସେ ମହୀରେ ।
ସନାତନ ଏଠି ଧରମ କରମ
ହିନ୍ଦୁ ଏଠି ପରାଭବ
ଅନାଦି କାଳରୁ ରହିଛି ଏଇଠି
ଏଠାରେ ଜନମୁ ଥିବ ।
ଉଠ ଜାଗିଉଠ ମୋ ବୀର ସନ୍ତାନ
ପଡିଛି ବଡ ବିପତ୍ତି
ନିଘୋଡ ନିଦ୍ରାକୁ ତେଜି ଉଠି ଆସ
ଡାକୁଛି ମାଆ ଭାରତୀ ।

# ପରମ ଈଶ୍ୱର

*ଶ୍ରୀ ବିଜୟକୁମାର ନାଥ*

ସୂରୁଜ ଦିନରେ ଯୋଗାଇ ଆଲୁଅ ଛାଆଁକୁ
ଟଙ୍କା ଦିଅ ବୋଲି ମାଗିଛି କି କେବେ କାହାକୁ ?
ସୁଲୁ ସୁଲୁ ବାଆ ଦିନ ରାତି ଏଠି ବୁହାଇ
ଆଖିରେ ଆମର ନିଦ ଭରି ଦିଏ ଶୁଆଇ ।
ବିଜୁଳି ପଙ୍ଖାଟି ରହି ରହି ଘରେ ଘୂରଇ
ବିଜୁଳି କଟିଲେ ଖୋଲା ପବନକୁ ଝୁରଇ ।
ବିଜୁଳି ବିଭାଗ ଅଳପ ଶକତି ଯୋଗାଇ
ଘରେ ଘରେ ମାପି ଟଙ୍କା ନେଇଥାଏ ମଗାଇ ।
ବରଷା ରୂପରେ ଆକାଶରୁ ଜଳ ଝରଇ
ଚାଷ ବାସ ପାଇଁ ନଈ ନାଳେ ଯାଇ ଭରଇ ।
କୁଳୁ କୁଳୁ ନାଦେ ଝରଣା ପାହାଡେ ଛୁଟଇ
ବିଶାଳ ସାଗର ଜଳରାଶି ଢେଉ ଉଠଇ ।
ପାଣି କଳ ନଳେ ଟୋପା ଟୋପା ପାଣି ନଉଛେ
ମାସ ପୂରିଗଲେ ଜଳକର ନେଇ ଦଉଛେ ।
ଆଲୁଅ ପବନ ପାଣିକୁ ଯୋଗାଇ ଧରାରେ
ନିଏ ନାହିଁ କର ଶୀତ ବରଷା କି ଖରାରେ ।
ଜୀବନ ଗଢ଼ଇ ସେଇ କାରିଗର କାମରେ
ଜଗତ କରତା ପରମ ଈଶ୍ୱର ନାମରେ ।

*ଶିକ୍ଷକ,*
*ଡଗରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,*
*ଚାନ୍ଦିନୀଚୌକ, କଟକ*

ପ୍ରତିମାଠାରେ ଶ୍ରଦ୍ଧା ବହି । ହରି ପୂଜାକୁ ଯେ କରଇ ।।

# ଭାରତର ସୁପୁତ୍ର ମହାତ୍ମା

*ଶ୍ରୀ ତ୍ରିଲୋଚନ ପ୍ରଧାନ*

ଜନନୀ ଭାରତ ଦାସତ୍ୱ ଜଡିତ
ହୋଇ ରହିଥିଲା ଅତୀତେ ।
ଭୟ ବିଜଡିତ ଶତକୋଟି ପ୍ରାଣେ
ନିର୍ଯାତନା ସହି କେତେ ।
ଶୋଇ ରହିଥିଲେ ଭାରତୀ ସନ୍ତାନ
ହେଲେ ପୁଣି ଜାଗରୁକ ।
ଅଂହିସା ଅସ୍ତ୍ରକୁ ମନ ମଧ୍ୟେ ବହି
ରଖିଲେ ଭାରତ ଟେକ ।
ଭାରତ ସୁପୁତ୍ର ମହା ଆତ୍ମା ସେହି
ସାଜି ଅହିଂସା ନାବର କର୍ଣ୍ଣୀ
ଅବଦାନେ ତାଙ୍କ ସ୍ୱାଧୀନ ଭାରତ
କରିକେ ପାରିବ ବର୍ଣ୍ଣି
ଅସହଯୋଗ କୁହ ଅବା ସତ୍ୟାଗ୍ରହ
ପୁଣି ଭାରତ ଛାଡ ଡାକରା
ବିଦେଶୀ ଛାତିରେ ଛନକା ପଶିଲା
ଶୁଣି ବନ୍ଦେମାତରମ ଡାକରା ।
ଭାରତ ସ୍ୱତନ୍ତ୍ର ନୁହେଁ କା ଗୋଲାମ
ପାଠ ପଢ଼ାଇଲେ ସରବେ ।
ମହାତ୍ମା ବୋଲାଇ ମରତେ ରହିଲ
ଅହିଂସା ପୂଜାରୀ ଭାବେ ।
ପଞ୍ଚସ୍ତରୀ ତମ ସ୍ୱାଧୀନ ଉତ୍ସବ
ଆଜି ମନାଏ ମାତା ଆମର ।
ଅମୃତ ମହୋତ୍ସବ ସବୁରୀ ପ୍ରାଣରେ
ଖେଳାଏ ଆନନ୍ଦ ଅପାର ।
ଏହି ଅବସରେ ଦେବଙ୍କ ଚରଣେ
ନିବେଦନ ଏହି ଆମ ।
ଅଫେରା ରାଇଜ୍ଜୁ ଫେରି ଆସ ହେ ମହାତ୍ମା
ଏହା ହିଁ ଆମର କାମ୍ୟ ।

*ପ୍ରଧାନ ଆଚାର୍ଯ୍ୟ, କବୀରପୁର*

# ଦଶହରା ଆସିଲା

*ଧରଣୀଧର ଦାସ*

ଦଶହରା ଆସିଲା,
ଦୁନିଆଟା ଆହା, କେତେ ନୂଆ ନୂଆ ଦିଶିଲା ।
ବରଷା ତ ଛାଡିଲା,
ଖଣ୍ଡ ଖଣ୍ଡ ଧଳା ମେଘ, ଆକାଶରେ ଭାସିଲା ।
ନଈବଢ଼ି ଛୁଡିଲା,
ଗୋଳିପାଣି ଥିର ହୋଇ, ନିରିମଳ ଦିଶିଲା ।
ପୂରୁବେଇ ବହିଲା,
କଇଁ ପଦୁଅଁର ସାଥେ, କାଶତଣ୍ଡି ହସିଲା ।
ନୂଆ ଧାନ ପାଚିଲା,
ଘରେ ଘରେ କ୍ଷୀରୀ ମଣ୍ଡା, ମୁଆଁ ପିଠା ବାସିଲା ।
ଦେବୀ ପୂଜା ଲାଗିଲା,
ଶଙ୍ଖ ଘଣ୍ଟା ହୁଳହୁଳି, ଚଉଦିଗେ ଶୁଭିଲା ।
ପୂଜା ଯାତ ବସିଲା,
ରଙ୍ଗରଙ୍ଗି ସାଜସଜ୍ଜା, ଝଲମଲ ଦିଶିଲା ।
ନୂଆ ଲୁଗା ଆସିଲା,
ନୂଆ ହୋଇ ବେଶଭୂଷା, ଯାତବୁଲା ଜମିଲା ।
ମନଖୁସି ହୋଇଲା,
ମଉଜରେ ବୁଲିକିଣି, ପୂଜା ଛୁଟି କଟିଲା ।
ଦଶହରା ସରିଲା,
ମନ ଦେଇ ପାଠପଢ଼, ହୁଅ ନାହିଁ ଚଗଲା ।

*ସହପ୍ରାନ୍ତ ପ୍ରମୁଖ, ପତ୍ରିକା ବିଭାଗ*

ନ ସେବେ ବିଷ୍ଣୁଙ୍କ ସେବକଙ୍କ । ଇତର ମଣେ ଅନ୍ୟ ଲୋକ ॥

# ଜୟୀ ରାଜଗୁରୁ

▪ ବୈଜୟନ୍ତୀମାଳା ମହାପାତ୍ର

ମହାନ ଯୋଦ୍ଧା ବୀର ପାଇକ
ମୁକୁନ୍ଦ ଦେବ ସେନା ନାୟକ
ଓଡିଆ ପୁଅ ବୀର,
ତାଙ୍କରି ନାମ ମୁକ୍ତି ସଂଗ୍ରାମେ
ଲେଖା ଯେ ସ୍ୱର୍ଣ୍ଣାକ୍ଷର ।

ଉତ୍କଳର ସେ ପ୍ରଥମ ଯୋଦ୍ଧା
ଯେ କରିଥିଲେ ବଳକୁ ଅଧା
ଇଂରେଜ ମାନଙ୍କର,
ତାଙ୍କରି ନାମ ଶୁଣିଲା ମାତ୍ରେ
ଲୋମ ଯେ ଥରଥର ।

ମହା ଚାଲାକ ବଣିକ ଜାତି
ଭୟ କାତରେ ରାତିକେ ରାତି
ଚୁଗୁଲିଆଙ୍କୁ ଧରି,
ବନ୍ଦୀ କରିଲେ ରାଜଗୁରୁଙ୍କୁ
ଫାନ୍ଦଫିକର କରି ।

ମେଦିନୀପୁର ବାଘଡୋଟାରେ
ବରଗଛର ଦୁଇ ଡାଳରେ
ବାନ୍ଧି କରିଲେ ଫାଳ,
ବୀର ସହିଦ ହୋଇଲେ ସିଏ
ମନରେ ଭରି ବଳ ।

ତାଙ୍କରି ଭଳି ଯୋଦ୍ଧା ନିର୍ଭୀକ
ନାହିଁ କେ ଆଉ ବୀର ସୈନିକ
ସ୍ୱାଧୀନତା ସଂଗ୍ରାମେ,
ଉତ୍ସର୍ଗ କରି ନିଜ ପରାଣ
ଅମର ଧରାଧାମେ ।

ସତର ଶହ ଅଣଚାଳିଶ
ଅକ୍ଟୋବରର ଅଣତିରିଶ
ଶୁଭ ତାରିଖ ଦିନ,
ପୁରୀ ଜିଲ୍ଲାରେ ଜନମ ଲଭି
ଜୀବନ କଲେ ଧନ୍ୟ ।

ଅଠର ଶହ ଛଅ ମସିହା
ଡିସେମ୍ବରର ଛଅରେ ଠିଆ
ହୋଇ ସହିଦ ରୂପେ
ଇହଧାମକୁ ଛାଡି ସେ ଥିଲେ
ବୀର ଦର୍ପରେ ଆପେ ।

ଉତ୍କଳମାତା ସୁଯୋଗ୍ୟ ସୁତ
ଜ୍ଞାନ ଗୁଣର ଓ ବଳେ ବିଖ୍ୟାତ
ତାଙ୍କ ସରି କେ ନାହିଁ,
ମଥାଟି ନୁଏଁ ଚରଣେ ତାଙ୍କ
ଦେଶ ପ୍ରେମକୁ ଚାହିଁ ।

ଫୁଲବାଣୀ, କନ୍ଧମାଳ

**ଗୀତା ଜ୍ଞାନ**

# ଓଁ ଶ୍ରୀ ପରମାତ୍ମନେ ନମଃ



✹ *ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ*

ଶ୍ରୀମଦ୍ ଭଗବତ ଗୀତାର ଦ୍ୱିତୀୟ ଅଧ୍ୟାୟର ୧୨ ଠାରୁ ୧୫ ଶ୍ଲୋକ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣ ଆତ୍ମାର ନିତ୍ୟତା ଓ ଶରୀରର ଅନିତ୍ୟତା ବର୍ଣ୍ଣନା କରିବା ପରେ, ପରବର୍ତ୍ତୀ ୧୬ତମ ଶ୍ଲୋକରେ ନିଜର ଏହି ବକ୍ତବ୍ୟକୁ ଅଧିକ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ସତ ଓ ଅସତର ସ୍ୱରୂପ ନିର୍ଣ୍ଣୟ କରୁଛନ୍ତି ।

ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ
ଉଭୟୋରପି ଦୃଷ୍ଟଃଅନ୍ତଃ ତୁ ଅନୟୋ ତତ୍ତ୍ୱଦର୍ଶିଭିଃ ।।

ଅସତ୍‌ର ଭାବ ବିଦ୍ୟମାନ ନାହିଁ ଏବଂ ସତର ଅଭାବ ବିଦ୍ୟମାନ ନାହିଁ । ତତ୍ତ୍ୱଦର୍ଶୀ ମହାପୁରୁଷଗଣ ଏହି ଦୁଇଟି ତତ୍ତ୍ୱକୁ ଦେଖିଛନ୍ତି ବା ଅନୁଭବ କରିଛନ୍ତି ଅର୍ଥାତ୍ ଅସତ୍ ବସ୍ତୁର ଅସ୍ତିତ୍ୱ ବା ସ୍ଥାୟିତ୍ୱ ନାହିଁ । ସେହିପରି ସତର ବିନାଶ ନାହିଁ ଏହା ଚିରକାଳ ହିଁ ରହିବ । ଜ୍ଞାନୀମାନେ ସତ୍ ଓ ଅସତ୍ ଉଭୟର ସ୍ୱରୂପକୁ ଉପଲବ୍ଧି କରିଛନ୍ତି ।

ନାସତୋ ବିଦ୍ୟତେ ଭାବୋ ପଦର ଅର୍ଥ ହେଲା - 'ଅସତଃ ଭାବ ନ ବିଦ୍ୟତେ' ଅର୍ଥାତ ଅସତ୍ ଭାବର ବିଦ୍ୟମାନ ନାହିଁ ବରଂ ଏହାର ଅଭାବ ହିଁ ବିଦ୍ୟମାନ । ଅସତଃ ପଦଟି ଏଠାରେ ପରିବର୍ତ୍ତନଶୀଳ ଶରୀର ଇନ୍ଦ୍ରିୟ ଏବଂ ଇନ୍ଦ୍ରିୟମାନଙ୍କର ବିଷୟ ସମେତ ସମସ୍ତ ଜଡ ବସ୍ତୁ ବାଚକ । ଦେଖିବା ଶୁଣିବା, ବୁଝିବା, ଚିନ୍ତନ କରିବା, ନିର୍ଣ୍ଣୟ କରିବା ଇତ୍ୟାଦିରେ ଯାହା କିଛି ଅନ୍ତର୍ଭୁକ୍ତ ସେ ସବୁ ଅସତ୍ । ଅସତ୍‌ର ନିରନ୍ତର ପରିବର୍ତ୍ତନ ହୋଇଥାଏ । ସଂସାରରେ ଯାହା କିଛି ଉତ୍ପନ୍ନ ହୋଇଥାଏ ତାହାର ବିନାଶ ଅବଶ୍ୟମ୍ଭାବୀ । ଏ ଗୁଡିକର ଏତେ ଶୀଘ୍ର ପରିବର୍ତ୍ତନ ଓ ବିନାଶ ସଂଘଟିତ ହୋଇଥାଏ ଯେ ତାହାକୁ ପୁନର୍ବାର ଦେଖିବା ସମ୍ଭବପର ହୋଇ ନ ଥାଏ । ତେଣୁ ଗୋଟିଏ ମୁହୂର୍ତ୍ତ ପୂର୍ବରୁ ବସ୍ତୁ ବା ପଦାର୍ଥ ଯେପରି ସ୍ଥିତିରେ ଥିଲା ପରବର୍ତ୍ତୀ ସମୟରେ ତାହା ସେହିପରି ରହେ ନାହିଁ । ଏହି ପରିବର୍ତ୍ତନକୁ ସାଧାରଣ ମନୁଷ୍ୟ ଦେଖି ବୁଝି ନ ପାରି ସଂସାରକୁ ସ୍ଥାୟୀ ମନେ କରେ ଏବଂ ଏହାର ସମ୍ବନ୍ଧ ଜନିତ ଫଳାଫଳ ଭୋଗ କରିଥାଏ । ଶ୍ରୀମଦ୍ ଭାଗବତରେ ଭଗବାନ ବ୍ୟାସଦେବ ଏହି ପ୍ରସଙ୍ଗ ଉଲ୍ଲେଖ କରି ନିମ୍ନ ପ୍ରକାରେ ଏହାର ବର୍ଣ୍ଣନ କରିଛନ୍ତି ।

ନିତ୍ୟଦା ହ୍ୟଙ୍ଗ ଭୂତାନି ଭବନ୍ତି ନ ଭବନ୍ତି ଚ
କାଳେ ନା ଲକ୍ଷ୍ୟ ବେଗେନ ସୂକ୍ଷ୍ମତ୍ୱାତ୍ତତ୍ପ ଦୃଶ୍ୟତେ ।

ଯଦ୍ୟପି ଅନୁକ୍ଷଣ ଶରୀରଗୁଡିକର ଉତ୍ପତ୍ତି ଓ ବିନାଶ ହେଉଛି ତଥାପି ଜ୍ଞାନର ଗତି ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ ସେଗୁଡିକର ପ୍ରତିକ୍ଷଣ ହେଉଥିବା ଉତ୍ପତ୍ତି ଓ ବିନାଶକୁ ଆମେ ଦେଖି ପାରି ନ ଥାଉ ।

ନାଭାବୋ ବିଦ୍ୟତେ ସତଃ ପଦର ଅର୍ଥ ହେଉଛି ସତଃ ଅଭାବଃ ନ ବିଦ୍ୟତେ । ଅର୍ଥାତ୍ ସତର ଅଭାବ ବିଦ୍ୟମାନ ନାହିଁ ବରଂ ସତର ଭାବ ହିଁ ବିଦ୍ୟମାନ । କାରଣ ସତ ତତ୍ତ୍ୱର ଅଭାବ କେବେ ହେଲେ ହୋଇ ନ ଥାଏ । ତାହା ଚିର ନିରନ୍ତର ଭାବରେ ବିଦ୍ୟମାନ । ଯାହାର

ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ।।

ପରିବର୍ତ୍ତନ ଓ ବିନାଶ ହୁଏ ନାହିଁ ତାହା ସତ ଅଟନ୍ତି । କୌଣସି ଦେଶ କାଳ, ବସ୍ତୁ, ବ୍ୟକ୍ତି, କ୍ରିୟା ଘଟଣା ଓ ପରିସ୍ଥିତିରେ ସତର ଅଭାବ ହୋଇ ନ ଥାଏ । ଏହା ଅପରିବର୍ତ୍ତନଶୀଳ ଏବଂ ସର୍ବଦା ଯଥାବତ୍ ବିଦ୍ୟମାନ ରହେ । ସତଃ ପଦଟି ଏଠାରେ ପରମାତ୍ମା ତତ୍ତ୍ୱ ବାଚକ ଅଟେ, ଯାହାକି ନିତ୍ୟ ସର୍ବଦା ଏକରସ, ଅଖଣ୍ଡ ଓ ଅବିନାଶୀ ଅଟନ୍ତି ।

ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତାର ୧୨ତମ ଓ ୧୩ତମ ଶ୍ଳୋକରେ ଶରୀରର ଯେଉଁ ନିତ୍ୟତା ବିଷୟରେ ବର୍ଣ୍ଣନା କରିଛନ୍ତି, ତାହାକୁ ଆଲୋଚ୍ୟ ଶ୍ଳୋକରେ ନାଭାବେ ବିଦ୍ୟତେ ସତଃ ପଦରେ କହିଛନ୍ତି ଏବଂ ୧୪ତମ ଓ ୧୫ତମ ଶ୍ଳୋକରେ ଶରୀରର ଅନିତ୍ୟତାର ଉଲ୍ଲେଖ କରିଛନ୍ତି, ତାହାକୁ ଏଠାରେ ନାସତୋ ବିଦ୍ୟତେ ଭାବଃ ପଦରେ ବର୍ଣ୍ଣନା କରିଛନ୍ତି ।

ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ଏହି ଷୋହଳଟି ଅକ୍ଷରରେ ସମସ୍ତ ବେଦ, ପୁରାଣ ଓ ଶାସ୍ତ୍ରର ସାରାଂଶ ନିହିତ ରହିଛି । ଅସତ୍ ଓ ସତ୍ ଏହି ଦୁଇଟିକୁ ପ୍ରକୃତି ଓ ପୁରୁଷ, କ୍ଷର ଓ ଅକ୍ଷର, ଶରୀର ଓ ଶରୀରୀ, ଅନିତ୍ୟ ଓ ନିତ୍ୟ, ନାଶବାନ ଓ ଅବିନାଶୀ ଆଦି ଅନେକ ନାମରେ ଅଭିହିତ କରାଯାଇଛି ।

ମାର୍ମିକ କଥା ହେଉଛି, ଯେଉଁ କରଣ (ଶରୀର, ଇନ୍ଦ୍ରିୟ, ମନ ଓ ବୁଦ୍ଧି) ଦ୍ୱାରା ଆମେ ସଂସାରକୁ ଦେଖୁ ବା ବୁଝିଥାଉ । ଏହି କରଣଗୁଡିକ ସଂସାରର ଅନ୍ତର୍ଭୁକ୍ତ । ଅତଏବ ସଂସାର ଦ୍ୱାରା ହିଁ ଆମେ ସଂସାରକୁ ଦେଖିଥାଉ । ତେଣୁ ଅସତର ଭାବ ଆମ ନିକଟରେ ବିଦ୍ୟମାନ ଭଳି ପ୍ରତୀତ ହୋଇଥାଏ । ସାଂସାରିକ ସମ୍ବନ୍ଧ କାରଣରୁ ଆମର ଏହି ପ୍ରକାରର ଧାରଣା ଆସିଥାଏ । ପ୍ରକୃତ ପକ୍ଷେ କ୍ରିୟା ଓ ପଦାର୍ଥ ଯାହା ସହିତ ଆମର ସମ୍ବଳ ଆସିଥାଏ, ତାହା ସଂସାରର ସ୍ୱରୂପ ଅଟନ୍ତି । ସ୍ୱରୂପର କ୍ରିୟା ଓ ପଦାର୍ଥ ସହିତ କୌଣସି ସମ୍ବନ୍ଧ ନ ଥିବାରୁ ଶରୀର, ଇନ୍ଦ୍ରିୟ, ମନ, ବୁଦ୍ଧି ସମେତ ସମଗ୍ର ସଂସାରର ଅଭାବ ସ୍ୱତଃସିଦ୍ଧ ଅଟେ । କେବଳ ଆଧାର ତଥା ପ୍ରକାଶକ ପରମାତ୍ମା ତତ୍ତ୍ୱର ଭାବ ନିରନ୍ତର ବିଦ୍ୟମାନ । ସଂସାର ଉତ୍ପନ୍ନ ହେବା ପୂର୍ବରୁ ପରମାତ୍ମା ତତ୍ତ୍ୱ ବିଦ୍ୟମାନ ଥିଲା । ସଂସାରର ଅଭାବ (ବିନାଶ) ହେବା ପରେ ମଧ୍ୟ ପରମାତ୍ମା ତତ୍ତ୍ୱ ରହିବ । ଏହା ଜ୍ଞାନ ମାର୍ଗର ସର୍ବୋତ୍ତମ ସିଦ୍ଧାନ୍ତ ଅଟେ ।

ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱ ଦର୍ଶିଭିଃ - ତତ୍ତ୍ୱଜ୍ଞ ମହାପୁରୁଷମାନେ ଏ ଦୁଇଟି ଅର୍ଥାତ ସତ ଓ ଅସତର ତତ୍ତ୍ୱକୁ ଠିକ୍ ଭାବରେ ବିବେଚନା କରି ଜାଣିପାରିଛନ୍ତି ଯେ ଏକ ମାତ୍ର ସତ ତତ୍ତ୍ୱ ହିଁ ବିଦ୍ୟମାନ । ଅସତ୍ ବସ୍ତୁର ତତ୍ତ୍ୱ ସତ ଏବଂ ସତଃର ତତ୍ତ୍ୱ ମଧ୍ୟ ସତ ଅଟନ୍ତି । ଭାବ ରୂପରେ ଦୁଇଟିଯାକ ତତ୍ତ୍ୱ ଏକ ଅଟନ୍ତି । ସୁତରାଂ ଏହି ଦୁଇଟି ଯାକ ତତ୍ତ୍ୱକୁ ବୁଝି ଅନୁଭବ କରିଥିବା ଜ୍ଞାନୀ ମାନଙ୍କର ଏକମାତ୍ର ସତ ତତ୍ତ୍ୱ ହିଁ ଇନ୍ଦ୍ରିୟ ଅଟେ । ଏହିପରି ମହାପୁରୁଷ ମାନଙ୍କ ଅସତର ଅନୁଭବ ନଷ୍ଟ ହୋଇ ବିବେକ ତତ୍ତ୍ୱଜ୍ଞାନରେ ପରିଣତ ହୋଇଯାଏ । ଏହି ବିବେକବାନ ପୁରୁଷଙ୍କ ଦୃଷ୍ଟି ବା ଦର୍ଶନରେ ଏକମାତ୍ର ପରମାତ୍ମା ତତ୍ତ୍ୱ ଅବଶେଷ ରହିଯାଆନ୍ତି ଏହା ବ୍ୟତୀତ ଅନ୍ୟ କିଛି ନୁହେଁ ।

ଦେହୀର ନିତ୍ୟତା ଏବଂ ଦେହର ଅନିତ୍ୟତା ତଥା ସତ୍ ଅସତ୍‌ର ତତ୍ତ୍ୱକୁ ଅନୁଭବ କରିଥିବା ଜ୍ଞାନିଜନଙ୍କ ଉଦ୍ଦେଶ୍ୟରେ ଭଗବାନ ୧୧ତମ ଶ୍ଳୋକରେ ପଣ୍ଡିତ ୧୩ ଓ ୧୫ ତମ ଶ୍ଳୋକରେ ଧୀରାଃ ଏବଂ ୧୬ ଶ୍ଳୋକରେ ତତ୍ତ୍ୱଦର୍ଶୀ ପଦଗୁଡିକ ପ୍ରୟୋଗ କରିଛନ୍ତି । ଅର୍ଜୁନ ଶରୀର ସକାଶେ ଶୋକ କରିବା ପରିପ୍ରେକ୍ଷୀରେ ଭଗବାନ ଆଲୋଚିତ କଥନ ମାଧ୍ୟମରେ ସ୍ପଷ୍ଟ କରୁଛନ୍ତି ଯେ, ଅସତ୍‌ର ଅବଶ୍ୟ ବିନାଶ ହେବ, ଏବଂ ସତ୍‌ର ସତ୍ତା ନିରନ୍ତର ଭାବରେ ବିଦ୍ୟମାନ । ଏଣୁ ଯୋଦ୍ଧାମାନଙ୍କର ମୃତ୍ୟୁରେ ଶୋକ ପ୍ରକଟ କରିବା ଅଜ୍ଞତା ଅଟେ ।

ଜୀବ ଚୈତନ୍ୟ ସ୍ୱରୂପ, ଆନନ୍ଦ ସ୍ୱରୂପ ଓ ଜ୍ଞାନ ସ୍ୱରୂପ । ଏହି ସତ୍ୟକୁ ଅଜ୍ଞତା ବଶତଃ ଆମେ ସ୍ୱୀକାର କରି ନ ଥାଉ, ଯେଉଁ କାରଣରୁ ଆମକୁ ସଂସାରରେ ଦୁଃଖ ଓ ଶୋକ ଭୋଗ କରିବାକୁ

ପଡିଥାଏ । ତେଣୁ କାଳାତୀତ ତଥା ଚିରନ୍ତନ ତତ୍ତ୍ୱ ସତର ବିଦ୍ୟମାନତାକୁ ଆମକୁ ଉପଲବ୍ଧି କରିବା ଶ୍ରେୟ ଅଟେ । ଋଗବେଦରେ ବର୍ଣ୍ଣନ ରହିଛି ଯେ ଜଗତର ପ୍ରାରମ୍ଭରେ ସତ ନ ଥିଲା କି ଅସତ୍ ନ ଥିଲା ଯାହା କିଛି ଥିଲା ବା ଅଛି ତାହା ଏକ – ଯାହାକି ପରମାତ୍ମା ତତ୍ତ୍ୱ ଅଟେ ।

ଭଗବାନ ଶ୍ରୀଶଙ୍କର ସ୍ୱକୃତ 'ଅଦ୍ୱୈତସୁଧା'ର ପ୍ରଥମ ଉଲ୍ଲାସରେ କହିଛନ୍ତି ଯେ, 'ବ୍ରହ୍ମ ଏକ ମାତ୍ର ସତ୍ୟ ଓ ଜଗତ ମିଥ୍ୟା' ଅଟେ । ଅର୍ଥାତ୍ ବ୍ରହ୍ମ ବା ପରମାତ୍ମା ତତ୍ତ୍ୱ ବ୍ୟତିରେକ ଅନ୍ୟ ସତ୍ତା ଜଗତରେ ବିଦ୍ୟମାନ ନାହିଁ । ଜୀବ ଓ ବ୍ରହ୍ମ ଏକ ଅଟନ୍ତି । ଶ୍ରୀମଦ୍ ଭଗବତ ଗୀତାର ସିଦ୍ଧାନ୍ତ 'ନା ଭାବୋ ବିଦ୍ୟତେ ସତଃ' ର ପରିପ୍ରକାଶ ଘଟିଛି ଆଚାର୍ଯ୍ୟ ଶଙ୍କରଙ୍କ ଦର୍ଶନରେ –

ଶ୍ଲୋକାର୍ଦ୍ଧେନ ପ୍ରବକ୍ଷାମି ଯଦୁକ୍ତମ୍ ଗ୍ରନ୍ଥକୋଟିଭିଃ
ବ୍ରହ୍ମ ସତ୍ୟ ଜଗତମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ ।

ଛାନ୍ଦୋଗ୍ୟ ଉପନିଷଦରେ ବର୍ଣ୍ଣିତ ଇନ୍ଦ୍ର ବିରୋଚନ ଉପାଖ୍ୟାନରେ ଇନ୍ଦ୍ରଦେବ ପ୍ରଜାପତିଙ୍କୁ ପ୍ରଶ୍ନ କରିଛନ୍ତି ଯେ, ଯଦି ଶରୀର ମୁଁ ହୁଏ ତାହା ହେଲେ ଶରୀର ନଷ୍ଟ ହେବା ପରେ ମୁଁ ମଧ୍ୟ ନଷ୍ଟ ହେବି କି ? 'ଶରୀରସ୍ୟ ନାଶମ୍ନେଷ ନଶ୍ୟତି ନାହମତ୍ର ଭୋଗ୍ୟମ୍ ପଶ୍ୟାମି ।' ପ୍ରଜାପତିଙ୍କ ଉତ୍ତରରେ ଇନ୍ଦ୍ରଦେବଙ୍କ ଶଙ୍କାର ପରିସମାପ୍ତି ଘଟିଛି ଏବଂ ସତ୍ ଓ ଅସତ୍ ଚିରନ୍ତନ ତତ୍ତ୍ୱକୁ ସେ ଉପଲବ୍ଧି କରିପାରିଛନ୍ତି କିନ୍ତୁ ବିରୋଚନ ଏହି ତତ୍ତ୍ୱକୁ ବୁଝିପାରିନାହାନ୍ତି । ବିରୋଚନ ନିଜକୁ ଶରୀର ବୋଲି ବିବେଚନା କରିଛନ୍ତି । ଏହି ବୃତ୍ତାନ୍ତରେ ବିରୋଚନ ଦେହାତ୍ମବାଦ ଓ ଇନ୍ଦ୍ର ଆତ୍ମବାଦର ପ୍ରତିନିଧିତ୍ୱ କରିଛନ୍ତି । ସ୍ୱଭାବତଃ ଆମେ ବିରୋଚନଙ୍କ ବିଚାରର ଦାୟାଦ ନୁହନ୍ତି । ନିଜ ଭିତରେ ଦିବ୍ୟ ଚେତନାର ସ୍ଫୁରଣ ପୂର୍ବକ, ପରମାତ୍ମାତତ୍ତ୍ୱର ଚିନ୍ତନ ଓ ଉପଲବ୍ଧି ମାଧ୍ୟମରେ ଦୁଃଖ ଶୋକରୁ ଅତୀତ ହୋଇ ଅମୃତ ପଥର ଯାତ୍ରୀ ହେବା ଆମର ଧ୍ୟେୟ ଓ ସଦିଚ୍ଛା ହେଉ ।

ଅସତୋ ମା ସତ୍ ଗମୟ ମୃତ୍ୟୁମା ଅମୃତମ୍ ଗମୟ ।

*କୋଷାଧ୍ୟକ୍ଷ, ଶିକ୍ଷା ବିକାଶ ସମିତି, ଓଡ଼ିଶା*




ଏହାଙ୍କ ସଙ୍ଗେ ବନ୍ଦୀ ହୋଇ । ପୋଷଇ ଦୁଃଖଭାର ବହି ॥

ମହାନ ନାରୀ

# ରାଣୀ ଲକ୍ଷ୍ମୀବାଈ

❋ ସୁରମା ସାହୁ



ଜଣେ ନାରୀ ହୋଇ କୌଣସି ପୁରୁଷ ଠାରୁ କମ ନ ଥିଲେ ସେ । ବନ୍ଧୁକ ମୁନରେ ଶାସନ କରୁଥିବା ଇଂରେଜ ବିରୋଧରେ ବୀରତ୍ୱର ସହ ଲଢ଼େଇ କରି ଶେଷରେ ବୀରଗତି ପ୍ରାପ୍ତ ହୋଇଥିଲେ । ଏହି ମହୀୟସୀ ରାଣୀ ଝାନସୀ ନଗରୀର କୋଣ ଅନୁକୋଣରେ ରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱର କାହାଣୀ ଆଜି ବି ଗୁଞ୍ଜରିତ ହୁଏ । ସେ ହେଉଛନ୍ତି ଭାରତର ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ନାରୀନେତ୍ରୀ । ସେ ଅଦ୍ଭୁତ ସାହସ ଓ କୌଶଳ ଦେଖାଇ ଇଂରେଜ ସାମ୍ରାଜ୍ୟକୁ ଥରହର କରିଦେଇଥିଲେ । ତାଙ୍କର ନଶ୍ୱର ଶରୀର ମାଟିରେ ମିଶି ଯାଇଛି ସତ କିନ୍ତୁ ତାଙ୍କର ଅସୀମ ସାହସ ବୀରତ୍ୱ ଓ ଆତ୍ମବଳିଦାନର କାହାଣୀ ଭାରତୀୟଙ୍କ ହୃଦୟରେ ସବୁଦିନ ଆଲୋକିତ ହେଉଥିବ ।

୧୮୨୮ ମସିହା ନଭେମ୍ବର ୧୯ ତାରିଖରେ ଲକ୍ଷ୍ମୀବାଈ କାଶୀ ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ମୋରପନ୍ଥ ତାଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ସେହି ସମୟରେ ତାଙ୍କ ମା' ଭାଗୀରଥୀ ମୃତ୍ୟୁବରଣ କରିଥିଲେ । ସାତ ଆଠ ବର୍ଷରେ ହିଁ ରାଣୀ ଲେଖାପଢ଼ା ସହ ଘୋଡାଚଢ଼ା, ତୀର ମାରିବା, ଅସ୍ତ୍ରଶସ୍ତ୍ର ଚାଳନା, ସନ୍ତରଣ ଆଦି କାର୍ଯ୍ୟରେ ପାରଦର୍ଶିତା ଲାଭ କରିଥିଲେ । ସେତେବେଳେ ଲକ୍ଷ୍ମୀବାଈଙ୍କ ନାମ ଥିଲା ମଣିକର୍ଣ୍ଣିକା ଏବଂ ଶ୍ରଦ୍ଧାରେ ତାଙ୍କୁ ସମସ୍ତେ ମନୁବାଈ ବୋଲି ଡାକୁଥିଲେ । ପୁଣି ସେ ଅତ୍ୟନ୍ତ ସୁନ୍ଦରୀ ଥିବାରୁ ବାଜିରାଓ ତାଙ୍କୁ ଛବେଲି ବୋଲି ଡାକୁଥିଲେ । ବାଲ୍ୟକାଳରୁ ହିଁ ଲକ୍ଷ୍ମୀବାଈ ତେଜସ୍ୱିନୀ ଥିଲେ ଏବଂ ନିଜ ଜିଦରେ ଅଟଳ ରହୁଥିଲେ । ସମୟ କ୍ରମେ ମାତ୍ର ୧୩ ବର୍ଷ ବୟସରେ ସେ ଝାନସୀର ରାଜା ଗଙ୍ଗାଧର ରାଓଙ୍କୁ ବିବାହ କରିଥିଲେ । ରାଣୀ ହୋଇ ପରଦା ଭିତରେ ରହିବା ତାଙ୍କୁ ଆଦୌ ପସନ୍ଦ ନ ଥିଲା । ସେଥିପାଇଁ ସେ କିଲ୍ଲା ଭିତରେ ଗୋଟିଏ ବ୍ୟାୟାମଶାଳା କରିଥିଲେ, ଯେଉଁଠି କି ଅସ୍ତ୍ରଶସ୍ତ୍ର ଚାଳନା ଏବଂ ଘୋଡା ଶବାରୀ ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥିଲେ । ସେଥିପାଇଁ ସେ ନାରୀମାନଙ୍କୁ ନେଇ ଗୋଟିଏ ସେନା ମଧ୍ୟ ଗଠନ କରିଥିଲେ । ୪ ମାସର ସନ୍ତାନର ମୃତ୍ୟୁ ପରେ ଗଙ୍ଗାଧର ରାଓ ଗୋଟିଏ ଶିଶୁପୁତ୍ରକୁ ପୋଷ୍ୟ କରି ନେଇଥିଲେ । ନାମ ଥିଲା ଆନନ୍ଦ ରାଓ । ଯାହାକୁ ରାଜା ନାମକରଣ କରିଥିଲେ ଦାମୋଦର ରାଓ ଗଙ୍ଗାଧରଙ୍କ ମୃତ୍ୟୁ ପରେ ଇଂରେଜ ଶାସକ ଡେଲହାଉସି ଝାନସୀକୁ ତାଙ୍କ ସାମ୍ରାଜ୍ୟରେ ମିଶେଇବାକୁ ଘୋଷିତ କରିଥିଲେ । ରାଣୀ ଚେତାବନୀ ଦେଇ କହିଲେ – ମେଁ ମେରା ଝାନସୀ ନହିଁ ଦୁଙ୍ଗୀ । ଇଂରେଜ ଶାସକଙ୍କ ହାତରେ କାଠ କଣ୍ଢେଇ ହୋଇ ନାଚିବା ଅପେକ୍ଷା ବୀରତ୍ୱର ସହ ଲଢ଼େଇ କରି ଦେଶମାତୃକା ପାଇଁ ପ୍ରାଣ ବଳି ଦେବା ଶତଗୁଣ ଶ୍ରେୟ ବୋଲି ସେ ମଣିଥିଲେ । ୧୮୫୭

ସେ ପୁଣି ଯାନ୍ତି ଯେଝା ପଥେ । ଶୋକ ସନ୍ତାପ ଦେଇ ଚିତ୍ତେ ।।

ମସିହାରେ ଝାନସୀକୁ ସୁରକ୍ଷା କରିବା ପାଇଁ ଲକ୍ଷ୍ମୀବାଇ ଶପଥ ନେଲେ । ଏମିତି ଗୋଟିଏ ସେନା ତିଆରି କଲେ ଯେଉଁଥିରେ କି ମହିଳା ମାନଙ୍କୁ ସ୍ଥାନ ଦିଆଗଲା ଏବଂ ତାଙ୍କୁ ତାଲିମ ମଧ୍ୟ ଦିଆଗଲା ।

୧୮୫୮ ମସିହା ଜୁନ ୧୭ ତାରିଖରେ ଗୋୱାଲିୟର ଠାରୁ ୫ କିମି ଦୂରରେ କଟ୍ଟାକିସରାୟ ନାମକ ଏକ ସ୍ଥାନରେ ଭୀଷଣ ସଂଗ୍ରାମ ହେଲା । ରାଣୀଙ୍କ ଅଲୌକିକ ବୀରତ୍ୱ ଓ ଅସ୍ତ୍ର ଚାଳନାକୁ ଦେଖି ସମସ୍ତେ ପ୍ରଶଂସା କରିଥିଲେ । କିନ୍ତୁ ରାଣୀଙ୍କ ଘୋଡ଼ା ଉପରକୁ ଗୁଳି ବର୍ଷିବାରୁ ଘୋଡ଼ା ଦୌଡ଼ିଯାଇ ଏକ ଶୁଖିଲା ନାଳ ପାଖରେ ପଡ଼ିଗଲା । ଅନୁସରଣ କରୁଥିବା ଅଶ୍ୱାରୋହୀ ରାଣୀଙ୍କୁ ଆକ୍ରମଣ କଲେ । ତାଙ୍କ ମୁଖମଣ୍ଡଳ ଖଣ୍ଡା ଧାରରେ କଟିଗଲା । ତଥାପି ସେ ସାହସ ନ ହରାଇ ପଛକୁ ବୁଲି ଏକା ଏକା ଝେଟରେ ବ୍ରିଟିଶ ସୈନ୍ୟମାନଙ୍କୁ ହତ୍ୟା କରୁଥିଲେ । ହେଲେ ଆଘାତ ପ୍ରାପ୍ତ ହୋଇ ରକ୍ତାକ୍ତ ହୋଇ ତାଙ୍କ ଶରୀର କ୍ରମେ ଶିଥିଳ ହୋଇ ଆସିଥିଲା । ଏକଥା ଦେଖି ରାଣୀଙ୍କ ଜଣେ ସର୍ଦ୍ଦାର ତାଙ୍କୁ ନିକଟସ୍ଥ ଏକ କୁଡିଆକୁ ନେଇ ଗଲେ । ସେଠାରେ ଗଙ୍ଗାଦାସ ନାମକ ଜଣେ ସାଧୁ ରାଣୀଙ୍କୁ ପ୍ରବଳ ଶୋଷ ହେଉଥିବାରୁ ଗଙ୍ଗାଜଳ ଦେଇଥିଲେ । ହେଲେ ସେଠାରେ ହିଁ ରାଣୀଙ୍କ ପ୍ରାଣବାୟୁ ଉଡିଯାଇଥିଲା । ରାଣୀଙ୍କ ଶେଷ ଇଚ୍ଛା ଥିଲା କେହି ଇଂରେଜ ଅଫିସର ତାଙ୍କର ମର ଶରୀରକୁ ହାତ ଲଗେଇବେ ନାହିଁ । ୧୮୫୮ ମସିହା ଜୁନ ୨୮ ତାରିଖରେ ତାଙ୍କୁ ଏକ ବିରାଟ ଘାସଗଦାରେ ରଖି ଅଗ୍ନି ସଂଯୋଗ କରାଗଲା ଏବଂ ତାହା ଭସ୍ମସାତ ହୋଇଗଲା । ସେ ମୃତ୍ୟୁର ଆଜି ୧୫୦ ବର୍ଷରୁ ଅଧିକ ସମୟ ଅତୀତ ହୋଇଗଲେ ବି ଝାନସୀରାଣୀ ଲକ୍ଷ୍ମୀବାଈଙ୍କ ସ୍ମୃତି ସତେଜ ରହିଛି ଓ ଲକ୍ଷ ଲକ୍ଷ ସ୍ତ୍ରୀ ପୁରୁଷଙ୍କୁ ପ୍ରେରଣା ଯୋଗାଉଛି । ରାଣୀ ଲକ୍ଷ୍ମୀବାଈଙ୍କ ଯୁଦ୍ଧ ଓ ପଛ ଘୁଞ୍ଚା ନ ଦେଇ ତରବାରୀ ଚାଳନା କରିବା ଶତ୍ରୁପକ୍ଷରେ ମଧ୍ୟ ପ୍ରଶଂସାରେ ଶତମୁଖର ଏହା କେହି ଅସ୍ୱୀକାର କରିପାରିବେ ନାହିଁ । ଏଭଳି ନାରୀକୁ କୋଳରେ ଧରି ଭାରତମାତା ଖୁବ୍ ଗର୍ବିତ । ଆଜି ବି ତାଙ୍କର ବୀରତ୍ୱର ଗୀତ କୋଣ ଅନୁକୋଣରେ ଗୁଞ୍ଜରିତ ହେଉଛି ।

"ଚମକ ଉଠି ସନ ସତାବନ ମେ ବହ ତଲବାର ପୁରାନୀ ଥି
ବୁନ୍ଦେଲ ହରବାଲୋ କେ ମୁଁହ ହମନେ ସୁନି କାହାନି ଥି
ଖୁବ ଲଡି ମରଦାନି ବହ ତୋ ଝାନସୀ ବାଲି ରାଣୀ ଥି ।"

*ବିଭାଗ ପତ୍ରିକା ପ୍ରମୁଖ*
*ସୋନପୁର ବିଭାଗ*




ବଦନ ଥାଉଁ ହରି ବାଣୀ । ମୁଖେ ଯେ ନ ବୋଲନ୍ତି ପ୍ରାଣୀ ।।

**ଇତିହାସ ପୃଷ୍ଠାରୁ**

# ଇରମ - ରକ୍ତତୀର୍ଥ

*ଡ଼ଃ. ଅଜୟକୁମାର ପଣ୍ଡା*

ଇରମ - ଏକ ମୁକ୍ତିକାମୀ ମାନସିକତାର ମୁଚାଲିକା ଜନମୁକ୍ତିର ତଲୱାର ମରଣ ବିଧୂର ଲାଲ ମାଟି । ସହିଦର ମୁକ୍ତି ତୀର୍ଥ ରକ୍ତତୀର୍ଥ ଇରମ । ଅବିଭକ୍ତ ବାଲେଶ୍ୱର (ଅଧୁନା ଭଦ୍ରକ) ଜିଲ୍ଲାର ବାସୁଦେବପୁର ଥାନା ଅଧୀନସ୍ଥ ଏକ ଐତିହାସିକ ଜନପଦ । ଇତିହାସର ଆଇନାରେ ଏ ଅଞ୍ଚଳକୁ ସମୟକ୍ରମେ ବାସୁଦେବ ସୁଢ଼ଳ ଦେବରାୟ ଚୌଧୁରୀ, ମୂର୍ଦ୍ଧନା ରାଜା, ବଗୋଡାଇ ଜମିଦାର, ହରପ୍ରସାଦ ରାୟ ଓ ସର୍ବୋପରି ଇରମ ପାଢ଼ୀ ଜମିଦାରମାନଙ୍କ ଦ୍ୱାରା ଶାସିତ ଓ ଶୋଷିତ ହୋଇଥିଲା । ସେ ପ୍ରଜାମାନଙ୍କୁ ୬୪ ପ୍ରକାର କର ଆଦାୟ କରି ନିଜ ରାଜକୋଷ ବୃଦ୍ଧି କରୁଥିଲେ । ବେଠି, ବେଗାରି, ବେତ୍ରାଘାତ, କାନମୋଡା ଠାରୁ ଦେଶାନ୍ତର ପରି ଦଣ୍ଡରେ ଦଣ୍ଡିତ ହେଉଥିଲେ ଏ ଅଞ୍ଚଳର ପ୍ରଜାକୁଳ । ୧୯୨୧ ମସିହା ଜୁନ ୧୪ ତାରିଖ ରଜସଂକ୍ରାନ୍ତିରେ ବାଞ୍ଛାନିଧି ମହାନ୍ତିଙ୍କ ପ୍ରଚେଷ୍ଟାରେ ଉତ୍କଳମଣି ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନକୁ ସକ୍ରିୟ କରିବା ପାଇଁ ଇରମ ପରି ଜାତୀୟ ନଗରରେ ପାଦ ଦେଇ ଜାତୀୟ ଚେତନାର ସ୍ଫୁରଣ ସୃଷ୍ଟି କରିଥିଲେ । ଏହାଦ୍ୱାରା ଏ ଅଞ୍ଚଳରେ ବିଦେଶୀ ବସ୍ତ୍ର ଦହନ, ସ୍କୁଲ ବର୍ଜନ, ପିକେଟିଂ ଚାଲିଲା । ପରେ ୧୯୨୭ ମସିହାରେ ଗାନ୍ଧିଜୀଙ୍କର ଚାରବାଟିଆରେ ପଦାର୍ପଣ ଏ ଅଞ୍ଚଳରେ ବିଦ୍ରୋହର ବହ୍ନି ଖେଳାଇ ଦେଇଥିଲା । ଫଳରେ ୧୯୩୦ରେ ଇଞ୍ଚୁଡି ପରେ ବଚ୍ଛଦା, ପଦୁଆଁ, ଇରମ, ଅଡୁଆଁ, ଚୂଡାମଣି, ବରୁଣ ତୋଟା ଇତ୍ୟାଦି ସ୍ଥାନରେ ଲବଣ ସତ୍ୟାଗ୍ରହ କରି ଅନେକ ସତ୍ୟାଗ୍ରହୀ ଗିରଫ ହେଲେ । ବାଞ୍ଛାନିଧି ଓ ତାଙ୍କ ପିତା ଜେଲ ଗଲେ । ମାତ୍ର ୧୯୪୨ ମସିହାର ଅଗଷ୍ଟ ବିପ୍ଳବ ଏ ମାଟିକୁ ଲାଲ କରିଦେଇଥିଲା । ସେ ଦିନ ଥିଲା ସେପ୍ଟେମ୍ବର ୨୮ ସୋମବାର ୧୯୪୨ ମସିହା । ଇରମ ମେଲଣ ପଡ଼ିଆରେ ପ୍ରାୟ ୬୦୦୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଭାରେ ଉପସ୍ଥିତ ଥାଆନ୍ତି । ଏହି ସମୟରେ ବାସୁଦେବପୁର ଥାନାରୁ ଡି.ଏସ.ପି କୁଞ୍ଜବିହାରୀ ମହାନ୍ତି ଇନସପେକ୍ଟର ଅଖିଳ କୁମାର ଦତ୍ତ, ସବ ଇନସପେକ୍ଟର ହେମ ପାଣିଗ୍ରାହୀ ସମେତ ୧୮ ଜଣ ସିପାହୀଙ୍କୁ ଧରି ଇରମ ବୈଠକଖାନାକୁ ଯାଉଥିଲେ । ଏହି ସମୟରେ ବାନର ସେନାର ଜନୈକ କର୍ମୀ ମଣିଭଦ୍ର ବେଜ ଓ ତାଙ୍କର ସାଥୀମାନେ ଚୌକିଦାର ଠାରୁ ପୁଲିସମାନଙ୍କ ଗୁଳିବାକ୍ସ ଛଡାଇ ନେଲେ । ତା ପରେ...

ଡି.ଏସ.ପି କିଛି ନ ବୁଝି ସିପାହୀମାନଙ୍କୁ ଗୁଳିକରିବା ପାଇଁ ନିର୍ଦ୍ଦେଶ ଦେଲେ । ସେ ସମୟରେ ଜମିଦାର ଥିଲେ ରାଧାକାନ୍ତ ପାଢ଼ୀ ଓ ୟୁନିଅନ ପ୍ରେସିଡେଣ୍ଟ ଥିଲେ ନାରାୟଣ ପ୍ରସାଦ ମାନ୍ଧାତା । ସେମାନେ ଅଗ୍ନିରେ ଘୃତ ଢ଼ାଳିବା ପରି ପୁଲିସ ବାବୁଙ୍କୁ ପ୍ରଲୋଭିତ କରିଥିଲେ । ଯାହାର ଫଳ ସ୍ୱରୂପ ୩୦୪ ରାଉଣ୍ଡ ଗୁଳିରେ ୨୯ ଜଣ ମୃତ ଓ ୫୬ ଜଣ ଆହତ ହୋଇଥିଲେ ବୋଲି ସରକାରୀ କାଗଜପତ୍ର ହେଲା । ମାତ୍ର ସେଦିନ ଗୁଳିକାଣ୍ଡରେ ଉପସ୍ଥିତ ଥିବା ଲୋକମାନେ କହନ୍ତି ଯେ ଇରମରେ ସେଦିନ ୭୫ ଜଣ ଲୋକ ନିହତ ହୋଇଥିଲେ । ମାତ୍ର ଏ ଅନ୍ଦୋଳନର ମୁଖ୍ୟ ନେତା ଯଥା ଗୌରାଙ୍ଗ ମହାନ୍ତି, କମଳା ପ୍ରସାଦ କର, ଅନିରୁଦ୍ଧ ମହାନ୍ତି, ଗଣେଶ ପ୍ରସାଦ ତ୍ରିପାଠୀ ଇତ୍ୟାଦି କେହି ଜଣେ ବି ଗୁଳିଖାଇ ନ ଥିଲେ । ସେମାନେ ପରେ ଜେଲଦଣ୍ଡ ଭୋଗିଥିଲେ । ଏ ଅଞ୍ଚଳରେ ବ୍ୟାପକ ଗିରଫଦାରୀ ଓ ଅତ୍ୟାଚାର ଚାଲିଲା । ବହୁଦିନ ପର୍ଯ୍ୟନ୍ତ ଚାଲିବା ପରେ ଏହା ବନ୍ଦ ହୋଇଥିଲା ।

ଇରମ ଆଜି ବି ଶୋଷିତ । ଧଳା ଗଲେ କଳା ଆସିଲେ । ଆଜି ବି ବାଞ୍ଛାନିଧିଙ୍କ ସେହି କାଳଜୟୀ କବିତା 'କି ହେବ ଏ ସ୍ୱରାଜ୍ୟ ଘେନି ଯଦି ମୋର ନ ପୂରେ ପେଟ' ଏ ଅଞ୍ଚଳରେ ଗୁଞ୍ଜରିତ ହେଉଛି ।

ନାମ ନ ଶୁଣନ୍ତି ଶ୍ରବଣେ । ଯେ ଥାନ୍ତି ପାପ ଆଚରଣେ ।।

**ବିଜ୍ଞାନ ବିଭବ**

# ସର୍ଣ୍ଣିମ ପ୍ରକ୍ଷେପଣ

*ଶ୍ରୀ ନିକୁଞ୍ଜ ବିହାରୀ ସାହୁ*

ଗତ ଟୋକିଓ ଅଲମ୍ପିକରେ ଭାରତର ନୀରଜ ଚୋପ୍ରା ୮୭.୫୮ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିବା ପରଠାରୁ ଆମ ଦେଶରେ ଜାଭେଲିନ୍ ପ୍ରକ୍ଷେପଣ ଖେଳ ସମ୍ପର୍କରେ ଗଭୀର ଆଗ୍ରହ ଓ କୌତୂହଳ ସୃଷ୍ଟି ହୋଇଛି । ଜାଭେଲିନ୍ ଆମ ଦେଶର ଏକ ପାରମ୍ପରିକ ଖେଳ । ଜାଭେଲିନକୁ ଆମ ଦେଶରେ ସାଧାରଣତଃ ବର୍ଚ୍ଛା କିମ୍ବା ଭାଲ୍ଲା ବୋଲି କୁହାଯାଏ । ପୂର୍ବେ ରାଜା ମହାରାଜାମାନେ ଅବସର ସମୟରେ ଏହି ବର୍ଚ୍ଛା ଫିଙ୍ଗା ଖେଳରେ ଭାଗ ନେଉଥିଲେ ଏବଂ ଯୁଦ୍ଧ ସମୟରେ ରାଜାଙ୍କର ଏକ ସ୍ୱତନ୍ତ୍ର ବର୍ଚ୍ଛାଫିଙ୍ଗା ବାହିନୀ ଥିଲା ଯାହା ଯୁଦ୍ଧର ପରିଣତି ନିର୍ଦ୍ଧାରଣ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିଲା । ଜାଭେଲିନ୍ ଫିଙ୍ଗାରେ ଏବେ ବିଶ୍ୱ ରେକର୍ଡ ହେଉଛି ୯୮.୪୮ ମିଟର ଯାହା ଚେକୋସ୍ଲୋଭାକିଆର ଖେଳାଳୀ ଜାନ ଜେଲେନି ୧୯୯୬ ମସିହା ଆଟଲାଣ୍ଟା ଅଲମ୍ପିକ୍ସ ପ୍ରତିଯୋଗିତାରେ ପ୍ରତିଷ୍ଠା କରିଥିଲେ ।

**ଇତିହାସ :-**

ଜାଭେଲିନ୍ ଖେଳ ପ୍ରଥମେ ଗ୍ରୀସର ପ୍ରାଚୀନ ଅଲିମ୍ପିକ ଖେଳରେ ଖ୍ରୀଷ୍ଟପୂର୍ବ ୭୦୮ରେ ପାଞ୍ଚୋଟି ଖେଳ ମଧ୍ୟରୁ ଅନ୍ୟତମ ବିଭାଗ ରୂପେ ଅନ୍ତର୍ଭୁକ୍ତ ହୋଇଥିଲା । ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପରଠାରୁ ଏହା ୟୁରୋପର ବିଭିନ୍ନ ଦେଶ ଯଥା ଜର୍ମାନୀ, ସ୍ୱିଡେନ ଓ ଫିନଲାଣ୍ଡରେ ଯଥେଷ୍ଟ ଲୋକପ୍ରିୟତା ଲାଭ କରିଥିଲା । ଆଧୁନିକ ଅଲିମ୍ପିକ ଖେଳରେ ପୁରୁଷ ବିଭାଗରେ ଜାଭେଲିନ୍ ପ୍ରକ୍ଷେପଣକୁ ପ୍ରଥମେ ୧୯୦୮ ମସିହାରେ ଏବଂ ମହିଳା ବିଭାଗରେ ପ୍ରଥମେ ୧୯୩୨ ମସିହାରେ ସ୍ଥାନିତ କରାଯାଇଥିଲା ।

**ଗଠନ :-**

ଏକ ଜାଭେଲିନ୍ ମୁଖ୍ୟତଃ ତିନୋଟି ଅଂଶକୁ ନେଇ ଗଠିତ, ଯଥା ଅଗ୍ରଭାଗ, ଦଣ୍ଡ ଏବଂ ମୁଠା । ଏକ ଜାଭେଲିନ୍ ସାଧାରଣତଃ କାଠ କିମ୍ବା ଧାତୁରେ ତିଆରି ଏକ ଦଣ୍ଡ । ଏହାର ଏକ ମୁନିଆ ଅଗ୍ରଭାଗ ଥାଏ ଯାହା ପ୍ରକ୍ଷେପଣ ପରେ ସର୍ବପ୍ରଥମେ ଭୂମିକୁ ଆଘାତ କରେ । ପ୍ରତି ଜାଭେଲିନକୁ ହାତରେ ମୁଠାଇ ଧରିବା ପାଇଁ ଏହାର ମାଧ୍ୟାକର୍ଷଣ କେନ୍ଦ୍ର ସ୍ଥାନ ଠାରେ ଏକ ମୁଠା ଚିହ୍ନିତ ଥାଏ ଏବଂ ଜାଭେଲିନକୁ ଏହି ମୁଠା ସ୍ଥାନରୁ ଧରି ଫିଙ୍ଗିବାକୁ ପଡେ ।

**ପ୍ରକ୍ଷେପଣ ନିୟମ :-**

ଅନ୍ତର୍ଜାତୀୟ ଦୌଡକୁଦ ପରିସଂଘର ମାର୍ଗଦର୍ଶନ ଅନୁସାରେ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୌଣସି ଜାଭେଲିନ ଆକାର ରୂପରେଖ, ଓଜନ ଓ ମାଧ୍ୟାକର୍ଷଣ କେନ୍ଦ୍ର ନିର୍ଦ୍ଦିଷ୍ଟ ନିୟମାବଳୀର ଅନ୍ତର୍ଭୁକ୍ତ । କୌଣସି ପୁରୁଷ ପ୍ରତିଯୋଗିତାରେ ଜାଭେଲିନ୍‌ର ଦୈର୍ଘ୍ୟ ୨.୬ ରୁ ୨.୭ ମିଟର ମଧ୍ୟରେ ଏବଂ ଓଜନ ୮୦୦ ଗ୍ରାମ୍ ହୋଇଥିବା ବେଳେ ଏକ ମହିଳା ପ୍ରତିଯୋଗିତାରେ ଜାଭେଲିନ୍ ଦୈର୍ଘ୍ୟ ୨.୨ ରୁ ୨.୩ ମିଟର ମଧ୍ୟରେ ଏବଂ ଓଜନ ୬୦୦ ଗ୍ରାମ୍ ହୋଇଥାଏ । ଫିଙ୍ଗାଳି ଜାଭେଲିନକୁ ହାତରେ ମୁଠା ସ୍ଥାନରୁ ଧରି ପ୍ରାୟ ୩୦ ମିଟର ଦୂରରୁ ଦୌଡ଼ି ଦୌଡ଼ି ଆସି ଏକ ବକ୍ରାକାର ସୀମାରେଖା ମଧ୍ୟରୁ ଥାଇ ଜାଭେଲିନକୁ କାନ୍ଧ ଉପରୁ ଫିଙ୍ଗିବାକୁ ପଡ଼େ । ଜାଭେଲିନ୍ ଫିଙ୍ଗାଗଲା ପରେ ଏହା ଆକାଶମାର୍ଗରେ ଗତି କରି ଭୂମିରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅବତରଣ କରେ । ଖେଳର ନିୟମ ଅନୁଯାୟୀ, ଜାଭେଲିନର ଅଗ୍ରଭାଗ ହିଁ ପ୍ରଥମେ ଭୂମି ସ୍ପର୍ଶ କରି ନରମ ମାଟିରେ ପ୍ରବେଶ କରିବା ଆବଶ୍ୟକ । ଫିଙ୍ଗା ଯାଇଥିବା ସ୍ଥାନରୁ ଜାଭେଲିନ୍ ଭୂମି ଭେଦ କରିଥିବା ସ୍ଥାନର ଦୂରତା ମପାଯାଏ ଏବଂ ଏହି ଦୂରତା ଆଧାରରେ ହିଁ ପ୍ରତିଯୋଗିତାର ବିଜେତା ନିରୂପଣ କରାଯାଏ ।

**ଜାଭେଲିନ୍ ପଛରେ ବିଜ୍ଞାନ :-**

ଜାଭେଲିନ୍ ଫିଙ୍ଗା ପ୍ରକୃତରେ ଶାରୀରିକ ସାମର୍ଥ୍ୟ, ପ୍ରକ୍ଷେପଣ କୌଶଳ ଓ ଗତିବିଜ୍ଞାନ ପ୍ରୟୋଗର ଏକ ଖେଳ । ଏକ ଉତ୍ତମ

ପ୍ରକ୍ଷେପଣକୁ ପ୍ରଭାବିତ କରୁଥିବା ମୁଖ୍ୟ କାରକଗୁଡ଼ିକ ହେଲେ ସଂବେଗର ସ୍ଥାନାନ୍ତର, ପ୍ରକ୍ଷେପଣ ବେଗ ଏବଂ ପ୍ରକ୍ଷେପଣ କୋଣ ।

ଫିଙ୍ଗାଳି ଫିଙ୍ଗିବା ନିମନ୍ତେ ଦ୍ରୁତ ଦୌଡ଼ିବା ଦ୍ୱାରା ନିଜ ଶରୀର ଯଥେଷ୍ଟ ସଂବେଗ ବହନ କରିଥାଏ । କୌଣସି ଗତିଶୀଳ ବସ୍ତୁର ସଂବେଗ ଏହାର ବସ୍ତୁତ୍ୱ ଓ ବେଗର ଗୁଣଫଳ ସଙ୍ଗେ ସମାନ । ଫିଙ୍ଗାଳି ଜାଭେଲିନ୍ ଫିଙ୍ଗିବା ସମୟରେ ନିଜ ଶରୀରର ମଧ୍ୟଭାଗରୁ ଦକ୍ଷତାର ସହ ପ୍ରାପ୍ତ ସଂବେଗକୁ ଚାବୁକ ଭଳି ଏକ ତରଙ୍ଗାୟିତ ପ୍ରକ୍ରିୟା ଜରିଆରେ କ୍ରମାନ୍ୱୟରେ ଅଣ୍ଟା କାନ୍ଧ ଓ କହୁଣି ଦେଇ ଜାଭେଲିନକୁ ସ୍ଥାନାନ୍ତରିତ କରିବାକୁ ପଡ଼େ । ପରିଶେଷରେ ଫିଙ୍ଗାଳି ପଛ ଗୋଡ ଉପରେ ଭରା ରଖି ଏବଂ ଦୁଇ ବାହୁକୁ ସିଧା ପ୍ରସାରିତ କରି ତଥା ଜାଭେଲିନକୁ ଆଖି ସହିତ ଏକ ସରଳରେଖାରେ ରଖି ନିକ୍ଷେପ କରେ । ଜାଭେଲିନର ସ୍ୱଳ୍ପ ବସ୍ତୁତ୍ୱ ହେତୁ ସଂବେଗର ସଂରକ୍ଷଣ ନିୟମ ଅନୁସାରେ ଏହା ଉଚ୍ଚ ଗତି ପ୍ରାପ୍ତ ହୋଇ ଅଧିକ ଦୂରତା ଅତିକ୍ରମ କରିବାକୁ ସକ୍ଷମ ହୋଇଥାଏ ।

ପ୍ରକ୍ଷେପିତ କୌଣସି ବସ୍ତୁର ଅତିକ୍ରାନ୍ତ ଦୂରତା ଏହାର ପ୍ରକ୍ଷେପ ବେଗ ଉପରେ ନିର୍ଭରଶୀଳ । ପ୍ରକ୍ଷେପ ବେଗର ଦୁଇଟି ଉପାଦାନ ଥାଏ, ଯଥା ଭୂଲମ୍ବୀୟ ବେଗ ଏବଂ ଭୂସମାନ୍ତରୀୟ ବେଗ । ପ୍ରକ୍ଷେପର ଭୂଲମ୍ବୀୟ ବେଗ ଦ୍ୱାରା ଏହା ଊର୍ଦ୍ଧ୍ୱ ଗତି ପ୍ରାପ୍ତ ହେବାକୁ ସକ୍ଷମ ହେଉଥିଲା ବେଳେ ଭୂସମାନ୍ତରୀୟ ବେଗ ଦ୍ୱାରା ହିଁ ଏହା ଭୂମି ଉପରେ ଦୂରତା ଅତିକ୍ରମ କରିବାକୁ ସକ୍ଷମ ହୋଇଥାଏ । ଗତି ବିଜ୍ଞାନରେ ଏହି ଅତିକ୍ରାନ୍ତ ଦୂରତାକୁ ରେଂଜ କହନ୍ତି । ସୁତରାଂ କୌଣସି ପ୍ରକ୍ଷେପିତ ବସ୍ତୁର ଅତିକ୍ରାନ୍ତ ଦୂରତା ବୃଦ୍ଧି କରିବାକୁ ହେଲେ ଏହାକୁ ଅଧିକ ବେଗରେ ପ୍ରକ୍ଷେପ କରିବା ପାଇଁ ପଡ଼ିଥାଏ । ସେଥି ପାଇଁ ଫିଙ୍ଗାଳି ଫିଙ୍ଗିବାର ଅବ୍ୟବହିତ ପୂର୍ବରୁ ଶରୀରକୁ ସ୍ପ୍ରିଙ୍ଗ ଭଳି ପଛକୁ ବଙ୍କେଇ ନେଇ ଜାଭେଲିନକୁ ନିକ୍ଷେପ କରେ । ଏହା ଦ୍ୱାରା ଫିଙ୍ଗାଳି ମାତ୍ର ୨୦ କି.ମି. ଘଣ୍ଟା ବେଗରେ ପ୍ରାରମ୍ଭରୁ ଦୌଡୁଥିଲେ ସୁଦ୍ଧା ଜାଭେଲିନକୁ ଯଥେଷ୍ଟ ଅଧିକ ବେଗରେ ଏପରିକି ପ୍ରାୟ ୧୦୦ କି.ମି. ଘଣ୍ଟା ପ୍ରତି ଭଳି ଉଚ୍ଚ ବେଗରେ ଗତିଶୀଳ କରିବାକୁ ସକ୍ଷମ ହୁଏ । ସୁତରାଂ ପ୍ରକ୍ଷେପଣର ଏହି ଉଚ୍ଚ ପ୍ରାରମ୍ଭିକ ବେଗରେ ଜାଭେଲିନ୍ ଅଧିକ ଦୂରତା ଅତିକ୍ରମ କରିଥାଏ ।

ଉତ୍ତମ ଅତିକ୍ରାନ୍ତ ଦୂରତା ହାସଲ କରିବା ନିମନ୍ତେ ଜାଭେଲିନକୁ କେବଳ ଅଧିକ ବେଗରେ ଫିଙ୍ଗିଲେ ହେବ ନାହିଁ, ଏହାକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ କୋଣରେ ଫିଙ୍ଗିବା ଆବଶ୍ୟକ । ଗତିବିଜ୍ଞାନରେ ଜାଭେଲିନର ଗତିକୁ ପ୍ରକ୍ଷେପ ଗତି କୁହାଯାଏ । କୌଣସି ବସ୍ତୁକୁ ଫିଙ୍ଗିବା ଦ୍ୱାରା ଏହା ଆକାଶମାର୍ଗରେ ଆଗକୁ ଗତି କରୁଥିବା ସମୟରେ ଏହା ଉପରେ ସର୍ବଦା ପୃଥିବୀର ମାଧ୍ୟାକର୍ଷଣ ବଳ ନିମ୍ନ ଦିଗରେ କାର୍ଯ୍ୟକାରୀ ହେଉଥାଏ । ଫଳରେ ଏହାର ଗତିପଥ ନିରନ୍ତର ନିମ୍ନ ଦିଗରେ ବିକ୍ଷେପିତ ହୋଇ ଏକ ପାରାବୋଲାକାର ରୂପ ନେଇଥାଏ । ଗତିବିଜ୍ଞାନର ସୂତ୍ର ଅନୁସାରେ ଉଭୟ ପ୍ରକ୍ଷେପ ବିନ୍ଦୁ ଓ ଅବତରଣ ବିନ୍ଦୁ ଗୋଟିଏ ଉଚ୍ଚତାରେ ଅବସ୍ଥାନ କରୁଥିଲେ ପ୍ରକ୍ଷେପିତ କୋଣର ପରିମାଣ ୪୫ ଡିଗ୍ରୀ ହେଲେ ଯାଇ ଅତିକ୍ରାନ୍ତ ଦୂରତା ସର୍ବାଧିକ ହୋଇଥାଏ । ମାତ୍ର ଜାଭେଲିନ ଫିଙ୍ଗା କ୍ଷେତ୍ରରେ ପ୍ରକ୍ଷେପ ବିନ୍ଦୁ ଅବତରଣ ବିନ୍ଦୁ ଠାରୁ ଅଧିକ ଉଚ୍ଚତାରେ ରହୁଥିବାରୁ ଏହି ନିୟମ ସାମାନ୍ୟ ବଦଳି ପ୍ରକ୍ଷେପଣର କୋଣ ୩୨ ରୁ ୩୬ ଡିଗ୍ରୀ ମଧ୍ୟରେ ସୀମିତ ରହିଲେ ହିଁ ସର୍ବାଧିକ ଦୂରତା ପ୍ରାପ୍ତ ହୋଇଥାଏ ।

ଏହା ଛଡା ଜାଭେଲିନ୍ ଖେଳ ଆହୁରି ଅନେକ କାରକ ଯଥା ବାୟୁ ପ୍ରବାହର ଦିଗ, ବାୟୁ ପ୍ରବାହର ବେଗ ଦଣ୍ଡ ଚାରିପଟେ ଅତିକ୍ରମ କରୁଥିବା ବାୟୁସ୍ରୋତର ରୂପରେଖ, ବାୟୁର ତାପମାତ୍ରା ଇତ୍ୟାଦି ଉପରେ ନିର୍ଭର କରେ । ସୁତରାଂ ଜାଭେଲିନ୍ ପ୍ରକ୍ଷେପଣ ଖେଳ ଏକ ଜଟିଳ ଓ ଉଚ୍ଚକୋଟୀର ପ୍ରତିଯୋଗିତା ଏବଂ ଏଥିରେ ପାରଦର୍ଶିତା ହାସଲ କରିବା ପାଇଁ ହେଲେ ଖେଳାଳିକୁ ଯଥେଷ୍ଟ ଅଭ୍ୟାସ ଓ ବୈଜ୍ଞାନିକ କୌଶଳ ପ୍ରୟୋଗ ତଥା ପ୍ରଦର୍ଶନ କରିବାକୁ ପଡେ ।

*ଏଜୁକେଶନ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*

ଗଣିତ ବିଭବ

# ବର୍ଗମୂଳ ଖୋଜ

*ଶ୍ରୀ ପ୍ରସନ୍ନ କୁମାର ସାହୁ*

**ବିଲୋକନମ୍ ସାହାଯ୍ୟରେ ବର୍ଗମୂଳ ନିର୍ଣ୍ଣୟ :-**

ଉଦାହରଣ ସ୍ୱରୂପ :

୬୮୮୯ର ବର୍ଗମୂଳ ନିର୍ଣ୍ଣୟ କର -

V ୬୮୮୯ = ୮୩ ୧ ୮୭

୧. ଦୁଇଟି ଯୋଗ କରାଯାଉଛି ତେଣୁ ବର୍ଗ ମୂଳରେ ଦୁଇଟି ଅଙ୍କ ରହିବ ।

୨. ଡାହାଣ ଯୋଡରୁ ୟୁନିଟ ଏବଂ ବାମ ଯୋଡରୁ ଦଶଟି ନିର୍ଣ୍ଣୟ କର ।

୩. ବର୍ଗ ସଂଖ୍ୟା ୨ର ଏକକ ।

୪. ବର୍ଗ ମୂଳର ଏକକ ୩ କିମ୍ବା ୭

୫. ବାମ ଯୋଡି ୬୮ ରୁ ଦଶ ପର୍ଯ୍ୟନ୍ତ ସ୍ଥିର ହେବ ।

୬୮ର ନିକଟତମ ବର୍ଗ ମୂଳ ହେଉଛି ୮

$୮^2$ = ୬୪

୯ = ୮୧, ୯ ୬୮ ରୁ ଅଧିକ, ଦଶ ସ୍ଥାନରେ ୮ ରୁ କମ୍ ରଖିବେ ।

୬. ୮୩ ରୁ ୮୭ ମଧ୍ୟରେ ଯେକୌଣସି ସଂଖ୍ୟା ହେଉଛି ଆମର ଉତ୍ତର ।

୭. ୮୩ ରୁ ୮୭ ମଧ୍ୟରେ ଏକ ସଂଖ୍ୟା ଯାହାର ୟୁନିଟ ୫ ହେଉଛି ୮୫ ଏକାଧିକ ପୂରଭେନା ସୂତ୍ର ସାହାଯ୍ୟରେ ଆମେ ସହଜରେ ୫ର ବର୍ଗ ପାଇପାରିବା ଏବଂ କରିପାରିବେ ।

୮୫ = ୭୨୨୫

୬୮୮୯ ହେଉଛି ୭୨୨୫ ଠାରୁ ଏକ ଛୋଟ ସଂଖ୍ୟା, ତେଣୁ ସଂଖ୍ୟା ୮୫ରୁ କମ୍ ଅଟେ ।

୩ ହେଉଛି ଆମର ଉତ୍ତର ।

V ୬୮୮୯ = ୮୩

୮୩ର ବିହନ ସଂଖ୍ୟା ହେଉଛି ୨ । ଏହି ୨ ର ବର୍ଗ ହେଉଛି ୪, ସଂଖ୍ୟା ହେଉଛି ୬୮୮୯ ।

V ୬୮୮୯ =√୬୮୮୯

୮୩୧୮୭ = ୮୩ ବା ୮୭

ଯୋଡରୁ ୟୁନିକ = ପାର୍ଶ୍ୱରୁ ଏକକ ସ୍ଥାନ ଯୋଡରୁ ପାର୍ଶ୍ୱରୁ

ଯେକୌଣସି = ଯେ କୌଣସି

ୟୁନିଟ = ଏକକ, ପୁରଭେନା = ପୂର୍ବେଣ

V ୬୮୮୯ = √୬୮୮୯

**ଆସ ଅଭ୍ୟାସ କରିବା :-**

| | | | | |
|---|---|---|---|---|
| ୨୮୯ | ୯୬୧ | ୨୫୬ | ୮୪୧ | ୫୭୬ |
| ୭୮୪ | ୧୭୬୪ | ୪୬୨୪ | ୧୦୨୪ | ୨୮୦୯ |
| ୧୬୮୧ | ୪୪୮୯ | ୪୩୫୬ | ୧୧୫୬ | ୩୩୬୪ |
| ୧୨୨୫ | ୩୪୮୧ | ୧୨୯୬ | ୨୯୧୬ | ୪୭୬୧ |
| ୧୩୬୯ | ୩୭୨୧ | ୧୪୪୪ | ୧୯୩୬ | ୩୮୪୪ |
| ୫୧୮୪ | ୩୯୬୯ | ୪୦୯୬ | ୨୦୨୫ | ୫୩୨୯ |
| ୨୧୧୬ | ୬୭୨୪ | ୩୦୨୫ | ୨୭୦୪ | ୨୬୦୧ |
| ୫୬୨୫ | ୮୧୦୦ | ୯୦୨୫ | ୬୮୮୯ | ୮୬୪୯ |
| ୭୦୫୬ | ୯୮୦୧ | ୮୪୬୪ | ୭୨୨୫ | ୭୩୯୬ |
| ୭୭୪୪ | ୯୨୧୬ | ୯୪୦୯ | ୧୦୦୦୦ | |

*ଅଖିଳ ଭାରତୀୟ ସହ ଗଣିତ ପ୍ରମୁଖ*
*ବିଦ୍ୟା ଭାରତୀ*

ଧନ ଅର୍ଜନେ ଧର୍ମ କରି ।। ଧର୍ମେ ପ୍ରାପତ ନରହରି ।।

ଆମ ସ୍ୱାସ୍ଥ୍ୟ

# ବେଲର ଉପକାରିତା



**ମଣିଷ ସମାଜ ପାଇଁ ବେଲ ବୃକ୍ଷର ଅବଦାନ ଅତୁଳନୀୟ । ଏହାକୁ ହିନ୍ଦୀରେ ବେଲ୍ ଓ ବଙ୍ଗଳାରେ ବେଲ୍ବ ବୋଲି କୁହାଯାଏ । ଏହାର ଅନେକ ଔଷଧୀୟ ଗୁଣ ରହିଥିବାରୁ ଏହାର ଉପକାରିତା ସମ୍ପର୍କରେ ସମସ୍ତେ ଜାଣିବା ଆବଶ୍ୟକ ।**

ଡା. ଦେବଦତ୍ତ ସାମନ୍ତରାୟ

ବେଲକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଥା ଦେଶୀ ବେଲ ଏବଂ ବଣୁଆ ବେଲ । ତେବେ ଉଭୟଙ୍କର ଗୁଣ ସମାନ ରହିଛି । ବଣୁଆ ବେଲ ଆକାରରେ ଛୋଟ ହୋଇଥିବା ବେଳେ ମଞ୍ଜି ବହୁଳ । ଏହାର ତିନିଟି ପତ୍ର ସଂଯୁକ୍ତ ହୋଇ ରହିଥାଏ । ବେଲର ପତ୍ର, ଫୁଲ ଓ ଫଳ ଜୀବାଣୁ ପ୍ରତିରୋଧକ ।

ବେଲ ଅଗ୍ନିବର୍ଦ୍ଧକ, ରକ୍ତ ଶୋଧକ, ହୃଦରୋଗ, କାମଳ, ଅଜୀର୍ଣ୍ଣ, ଶୂଳ ଏବଂ ମଧୂମେହ ନିବାରକ । ଏହାର ସର୍ବାଙ୍ଗ ପରମ ଉପକାରୀ, ଜୀବନ ରକ୍ଷାକାରୀ ଏବଂ ରୋଗ ମୁକ୍ତକାରୀ । ଏହା ପାଚକ, ଶୋଥନାଶକ, ଯକୃତ ଉତ୍ତେଜକ, ଅର୍ଶନାଶକ, କୃମିନାଶକ ଭାବରେ ବ୍ୟବହୃତ ହୋଇଥାଏ ।

**ମଧୁମେହ :** ବେଲପତ୍ରର ତାଜାରସ ୩୦ ମିଲି ସକାଳେ ଏବଂ ସନ୍ଧ୍ୟାରେ ଦିନକୁ ୨ ଥର ଖାଦ୍ୟ ପୂର୍ବରୁ ସେବନ କଲେ ମଧୁମେହ ରୋଗରୁ ଉପଶମ ମିଳିଥାଏ । ଶୁଖିଲା ବେଲପତ୍ର ଗୁଣ୍ଡ, ଜାମୁକୋଳିର ଚୂର୍ଣ୍ଣ, ମେଥି ଚୂର୍ଣ୍ଣ, କଲରା ମଞ୍ଜି ଚୂର୍ଣ୍ଣ, ଅଁଳା ଚୋପା ଆଦି ସମ ଭାଗରେ ଏକତ୍ର କରି ସକାଳେ ୨ ଚାମଚ ଖାଦ୍ୟ ପରେ ସେବନ କଲେ ମଧୁମେହ ରୋଗରୁ ଉପଶମ ମିଳିଥାଏ ।

**ପ୍ରମେହ :** ବେଲପତ୍ର ରସ ବାସ ଚନ୍ଦନ ମିଶାଇ ଦିନକୁ ୨ ଥର ୨୧ ଦିନ ପର୍ଯ୍ୟନ୍ତ ସେବନ କଲେ ଶୁକ୍ରକ୍ଷୟ, ପ୍ରମେହ ଓ ପରିସ୍ରା ପୋଡା ଆଦି ରୋଗରୁ ମୁକ୍ତି ମିଳିଥାଏ ।

**ଦେହ ଜଳାପୋଡା :** ବେଲପତ୍ରକୁ ଦରଛେଚା କରି ରାତିରେ ପାଣିରେ ପକାଇ ସକାଳୁ ଛାଣି ୨୧ ଦିନ ସେବନ କଲେ ଦେହ ଜଳାପୋଡା ଓ ହାତ ପାଦ ଜଳାପୋଡା ଆଦି ବନ୍ଦ ହୋଇଥାଏ ।

**କାଶ :** ଅଧା କପ ବେଲପତ୍ର ରସ ନେଇ ୨ ଚାମଚ ଘିଅ ମିଶାଇ ଗରମ କରିବେ । ରସ ବହଳିଆ ହେଲା ପରେ ୧ ଚାମଚ ମହୁ ମିଶାଇ ଦିନକୁ ଦୁଇଥର ଚାଟିକରି ସେବନ କଲେ ଲହରା କାଶ ସହ ଅନ୍ୟାନ୍ୟ କାଶରୁ ମୁକ୍ତି ମିଳିଥାଏ ।

**ଦାନ୍ତ ରୋଗ :** ବେଲ ଶୁଣ୍ଠାକୁ ସିଝାଇ ସେଥିରେ କ୍ଷୀର ମିଶାଇ ସେବନ ସହ କୁଳୁକୁଞ୍ଚା କଲେ ଯାବତୀୟ ଦନ୍ତରୋଗରୁ ଆରୋଗ୍ୟ ମିଳିଥାଏ ।

*ଦିଶା ଆୟୁର୍ବେଦ ଭବନ, ପାରାଦ୍ୱୀପ*

ସେ ଧନେ ପୋଷେ ନିଜ ଦେହୀ । ମୃତ୍ୟୁ ଭାବନା ନ କରଇ ॥

# ବିଶ୍ୱାସେନ ସିଦ୍ଧି - କରୋନା ମୁକ୍ତି ସଂଗ୍ରାମ

ଶ୍ରୀ ଆଶିଷକୁମାର ସ୍ୱାଇଁ

ଅଧୁନା ଭାରତ ୧୦୦ କୋଟି ଟୀକାକରଣ ଗତ ୨୧ ଅକ୍ଟୋବର ୨୦୨୧ ସୁଦ୍ଧା ମାତ୍ର ନଅ ମାସ ମଧ୍ୟରେ ବହୁତ ଲକ୍ଷ୍ୟକୁ ଚରିତାର୍ଥ କରିବାରେ ସଫଳ ଯୋଦ୍ଧା ରୂପେ ପରିଗଣିତ ହୋଇପାରିଛି। ମାନବତାର ରକ୍ଷା ନିମନ୍ତେ ଏହି ବୈଶ୍ୱିକ ମହାମାରୀରେ ରାଷ୍ଟ୍ରୀୟ ଚେତନାକୁ ସମ୍ମାନ ପୂର୍ବକ ନିଜ ନାଗରିକଙ୍କ ସମେତ ଅନ୍ୟ ରାଷ୍ଟ୍ରର ନାଗରିକଙ୍କୁ ପରିଯୋଜନା ମାଧ୍ୟମରେ ଟୀକାକରଣ କରାଇ ନିଜର ଅନ୍ତରାଷ୍ଟ୍ରୀୟ ଦାୟିତ୍ୱ ସୁନିଶ୍ଚିତ କରିପାରିଛି। ଏହାର ସମ୍ପୂର୍ଣ୍ଣ ଶ୍ରେୟ ଆମ ଦେଶର ମହାନ ବୈଜ୍ଞାନିକ ଶୋଧାର୍ଥୀ, ଉଦ୍ୟମୀ, କରୋନା ଯୋଦ୍ଧା ଏବଂ ସ୍ୱାସ୍ଥ୍ୟବିତ୍ ସମୂହଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ସମ୍ଭବ ହୋଇପାରୁଛି। ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ମନ୍ତ୍ରର ଉଦ୍ଘୋଷ, ତଥା ରାଜ୍ୟ ସରକାରମାନଙ୍କ ପ୍ରତିବଦ୍ଧତା ତଥା ଶାସନ ତନ୍ତ୍ରରେ ଥିବା ପାରଦର୍ଶୀ ଅଧିକାରୀଙ୍କ ସେବା ମନୋବୃତ୍ତି ପାଇଁ ସଫଳ ହେଉଛି। ନିଃସନ୍ଦେହ ଆମ ଭାରତର ଆବାଳବୃଦ୍ଧବନିତାଙ୍କ ଟୀକାକରଣ ପ୍ରତି ଉଦ୍ରେକ ହୋଇଥିବା ଅସୀମ ବିଶ୍ୱାସ ଏବଂ ଗ୍ରହଣୀୟତା ଅପପ୍ରଚାରକାରୀ ତଥା ଭୟଉତ୍ପାଦନକାରୀ ଶକ୍ତିମାନଙ୍କ ପ୍ରତି ଶକ୍ତ ଚାପୁଡ଼ା ପରି କାମ ଦେଲା।

୧୧ ମାର୍ଚ୍ଚ ୨୦୨୦ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା କୋଭିଡ଼-୧୯କୁ ମହାମାରୀ ରୂପେ ଘୋଷଣା କରିବାର କିଛି ମାସ ପୂର୍ବରୁ ଯଥା ୩୦ ଜାନୁଆରୀ ୨୦୨୦ରେ ଅନ୍ତର୍ଜାତୀୟ ଜନସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଜରୁରୀ ପରିସ୍ଥିତି' ଘୋଷଣା କରାଯାଇଥିଲା। ଏହି ବିକଟ ପରିସ୍ଥିତିରେ ବିଶ୍ୱ ଦରବାରରେ ବହୁ ରାଷ୍ଟ୍ର ଭାରତର ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରତି ଆଶଙ୍କା ପ୍ରକାଶ କରିଥିଲେ ଏବଂ ଆମ ପରିବର୍ଦ୍ଧିତ ଜନସଂଖ୍ୟା, ବିବିଧତା ଏବଂ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସ୍ଥିତି ହେଉଛି ଏହି ଆଶଙ୍କାର କାରଣମାନ। ସବୁ ଆପଦକୁ ଅବସରରେ ବଦଳେଇବାର ମହତ ଉଦ୍ଦେଶ୍ୟ ସାଧନ ପୂର୍ବକ ଭାରତ ବିଶ୍ୱାସେନ ସଂକଳ୍ପେନ ଚ ସିଦ୍ଧି'ର ମନ୍ତ୍ରକୁ ପାଥେୟ କରି ଠିକଣା ସମୟ ପୂର୍ବରୁ ପରୀକ୍ଷଣ, ଅନୁସନ୍ଧାନ, ସଙ୍ଗରୋଧ କେନ୍ଦ୍ର ସ୍ଥାପନା ସମେତ ଜନସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ସଚେତନତା ଯେପରିକି ମାସ୍କ, ସାମାଜିକ ଦୂରତା, ଟୀକା ବିକାଶ, କ୍ରୟ, ବିତରଣ ଆଦି ଜରୁରୀ ପ୍ରସଙ୍ଗର ପୂର୍ତ୍ତି ଉଦ୍ଦେଶ୍ୟରେ କୃତସଂକଳ୍ପିତ ହେଲା।

ଭାରତରେ ପ୍ରଥମ ଥର ପାଇଁ ବୈଜ୍ଞାନିକ ତଥା ଶୋଧାର୍ଥୀମାନେ ଏପରି ଗମ୍ଭୀର ଏବଂ ଦାୟିତ୍ୱବୋଧର ଭାବନା ସହ ସଙ୍କଟକୁ ଜବାବ ଦେବା ମନୋବୃତ୍ତି ଏକ ଦୃଷ୍ଟାନ୍ତ ସୃଷ୍ଟି କଲା, ଯାହା ତାଙ୍କ ରାଷ୍ଟ୍ରୀୟ ଉତ୍ତର ଦାୟିତ୍ୱ, ଆତ୍ମନିର୍ଭର ଭାରତ ଗଠନ ତଥା ସ୍ୱଦେଶପ୍ରୀତି ଭାବନାକୁ ସର୍ବଦା ଋଦ୍ଧିମନ୍ତ କରିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତା ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ତ୍ରିମଣ୍ଡଳ, ସଚିବ, ବିଶେଷଜ୍ଞମାନଙ୍କ ବହୁବାର ସମୀକ୍ଷା ବୈଠକ କରାଯାଇ ବିଭିନ୍ନ ମୌଳିକ ପଦକ୍ଷେପ ଯଥା ୱେବ ପୋର୍ଟାଲ, କଣ୍ଟାକ୍ଟ ଟ୍ରେସିଂ ଆପ୍, ତାଲିମ ମାର୍ଗଦର୍ଶିକାର ବିକାଶ ପାଇଁ ସ୍ଥିରୀକୃତ କରାଯାଇ ତତ୍କାଳ କ୍ରିୟାନ୍ୱୟନ କରାଗଲା। WHO ଏବଂ CDC ପରିସଂସ୍ଥାର ମାସ୍କ ସମ୍ବନ୍ଧୀୟ ଆଧିକାରିକ ନିର୍ଦ୍ଦେଶିକା ଆସିବା ପୂର୍ବରୁ ବିଶ୍ୱରେ ପ୍ରଥମ ରାଷ୍ଟ୍ର ଭାବେ ଭାରତ ମାସ୍କ ଏବଂ ଘରୋଇ ଫେସ୍ କଭର ସମ୍ବନ୍ଧୀୟ ମାର୍ଗଦର୍ଶିକା ଜାରି କରି ବିଶ୍ୱକୁ ନିଜର ଦକ୍ଷତା ଓ ବଦ୍ଧପରିକରତା ପ୍ରଦର୍ଶନ କରିପାରିଲା।

ଏପ୍ରିଲ ୨୦୨୦ରେ ସରକାରଙ୍କ ଦ୍ୱାରା ଭ୍ୟାକସିନ୍ ଟାସ୍କଫୋର୍ସ ଗଠନ କରାଯାଇ ବିଭିନ୍ନ ଶୋଧ ସଂସ୍ଥା ଏବଂ ଟୀକା ଉତ୍ପାଦନକାରୀ କମ୍ପାନୀ ଦ୍ୱାରା ୬ ଗୋଟି ମୂଳବିନ୍ଦୁ ଯଥା ଟୀକା ବିକାଶ, ପିପିଇ କୀଟ୍ ଓ ଭେଣ୍ଟିଲେଟର, ପରୀକ୍ଷଣ, ସମୀକ୍ଷା ଓ ନିଦାନ, ଚିକିତ୍ସା ଏବଂ ଔଷଧ, ସରୋପ୍ରେଭେଲେନ୍ସ ଓ ଜିନୋମ୍ ସିକ୍ୱେନ୍ସିଂ ନିୟମାବଳୀ ଓ ନିୟାମକ ନିର୍ଦ୍ଧାରଣକୁ କେନ୍ଦ୍ରକରି ଯୋଜନା ରୂପାୟନର ଲକ୍ଷ୍ୟ ଧାର୍ଯ୍ୟ କରାଗଲା । ଭାରତ ସରକାରଙ୍କ ନୀତିଗତ ସହଜତା ଏବଂ ଟୀକା ନିର୍ମାତା କମ୍ପାନୀମାନଙ୍କ ପ୍ରତିବଦ୍ଧତା କାରଣରୁ ଟୀକା ନିର୍ମାଣ କାର୍ଯ୍ୟକ୍ରମ ଗତିଶୀଳ ହେଲା । ଫଳସ୍ୱରୂପ ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ନିଷ୍ପତ୍ତିର ମାତ୍ର ୯ ମାସ ପରେ ଜାନୁଆରୀ ୨୦୨୧ ପ୍ରଥମ ସପ୍ତାହରେ ୨ଟି ସ୍ୱଦେଶୀ ଜ୍ଞାନ କୌଶଳ ତଥା ଅତ୍ୟାଧୁନିକ ବୈଜ୍ଞାନିକ ସିଦ୍ଧାନ୍ତ ସମ୍ପନ୍ନ ନିର୍ମିତ ଟୀକା ଯଥା କୋଭିଶୀଲ୍ଡ (SII ଦ୍ୱାରା ନିମିତ) ଏବଂ କୋଭାକ୍ସିନ୍ (ଭାରତ ବାଇଓଟେକ୍ ଓ ICMR ସହଭାଗିତାରେ ନିର୍ମିତ)କୁ ଜରୁରୀକାଳୀନ ବ୍ୟବହାର ପ୍ରମାଣନ (EUA) ମାନ୍ୟତା ମିଳିଲା । ଭାରତ ଦ୍ୱାରା ତୃତୀୟ ସଦ୍ୟ ବିକଶିତ DNA ଭ୍ୟାକସିନ୍ ଜାଇକୋଭ୍-ଡ଼ି କୁ ଗତ ଅଗଷ୍ଟ ମାସରେ ମାନ୍ୟତା ମିଳିଛି । ଏହିପରି ଭାବେ ବହୁ କମ୍ ସମୟରେ ଭାରତ ଟୀକା ନିର୍ମାଣ ଦିଗରେ ଅଗ୍ରଣୀ ତଥା ଅପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ରୂପେ ଆବିର୍ଭୂତ ହୋଇପାରିଛି ।

ମାସ୍କ ଓ ପିପିଇ କିଟ୍‌ର ଅଭାବ ଦୂରେଇବା ପାଇଁ ବହୁତ କମ୍ ସମୟରେ ତଥା ବୟନ ଶିଳ୍ପ ମନ୍ତ୍ରାଳୟର ସହଭାଗିତାରେ ବହୁ ସଂଖ୍ୟକ ଉତ୍ତମମାନର ମାସ୍କ ଓ ପିପିଇ କୀଟ ପ୍ରସ୍ତୁତ କରି ନିଜ ବ୍ୟବହାର ସହ ବିଶ୍ୱର ଅନ୍ୟ ଦେଶକୁ ରପ୍ତାନି କରିବା ଯୋଗୁଁ ବିଶ୍ୱରେ ଭାରତ ପ୍ରଶଂସିତ ହେଲା । ଭାରତର ବିଭିନ୍ନ ଶୈକ୍ଷିକ ତଥା ଶୋଧ ସଂସ୍ଥା ଯଥା କାନପୁର ଏବଂ ବଶାଖାପାଟନମ୍ ଆଦି ବହୁ ସଂସ୍ଥା ସ୍ୱଦେଶରେ ଭେଣ୍ଟିଲେଟର ଏବଂ ନୂଆ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କଲେ ।

CSIR-CCBM, IGIB Delhi ପରି ବହୁ ଭାରତୀୟ ଶୋଧ ସଂସ୍ଥା ଟେଷ୍ଟିଙ୍ଗ କିଟ୍, ପ୍ରୋଟୋକଲ୍ ବିକାଶ, ସେରମ୍ ସର୍ବେକ୍ଷଣ ଆଦିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଦେଶରେ ଔଷଧ ଓ ଚିକିତ୍ସା ପଦ୍ଧତି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ରସାୟନର ପ୍ରୟୋଗ ସମେତ ଉଦ୍ଭିଦଜ ଔଷଧ ତଥା ଆୟୁଷ ମନ୍ତ୍ରାଳୟର ଦ୍ୱାରା ପ୍ରସ୍ତାବିତ ପାରମ୍ପରିକ ଆୟୁର୍ବେଦ ଔଷଧର ବ୍ୟବହାର ନିମିତ୍ତ ମାର୍ଗଦର୍ଶିକା ଜାରି କରାଯାଇ ବହୁ ଆକ୍ରାନ୍ତଙ୍କ କୋଭିଡ୍ ଜନିତ ପୀଡ଼ା ଲାଘବ କରାଯାଇପାରିଲା । ରେମଡେ଼ସିଭିର୍ ଫାଭିପିରାଭିର୍ ପରି ୫ଟି ଔଷଧକୁ CDSCO ତରଫରୁ ଜରୁରୀକାଳୀନ ବ୍ୟବହାର ନିମିତ୍ତ ମାନ୍ୟତା ପ୍ରଦାନ କରାଯାଇ ବହୁ ଜନଜୀବନ ରକ୍ଷା କରାଯାଇପାରିଲା । ଦେଶରେ କ୍ରମାଗତ ବଢୁଥିବା ସଂକ୍ରମଣର ନିୟନ୍ତ୍ରଣ ଯୋଜନା ବିକାଶ ପାଇଁ ସଂସ୍ଥା ସ୍ଥାପନ କରି ବହୁ ଆୟାମୀ ସେରମ୍ ସର୍ବେକ୍ଷଣ ଏବଂ ଜିନୋମ୍ ସିକ୍ୱେନ୍ସିଂ କରାଯାଇ ଭବିଷ୍ୟତର ସମ୍ଭାବୀ ସଂକ୍ରମଣ ଦରକୁ କମାଯାଇ ପାରିଲା । ତଥାପି ଆହୁରି ବହୁ ମାଇଲ ଅତିକ୍ରମ କରିବାକୁ ଅଛି । ଏହା ତ କେବଳ ଉତ୍ତମ ଦିଗ ଉନ୍ମୁଖୀ ସଫଳ ପ୍ରୟାସ ମାତ୍ର ଏହି ମାର୍ଗକୁ ଆମେ ସବୁ ଭାରତୀୟ "ଟିମ୍ ଇଣ୍ଡିଆ" ର ମନୋଭାବ ନେଇ ଟୀକାକରଣ ପ୍ରତି ସଚେତନତା ଆହୁରି ବ୍ୟାପକ କରି ସମାଜର ସବୁ ବର୍ଗର ଲୋକ, ଯେଉଁମାନେ କୌଣସି କାରଣରୁ ଅଭିଯାନରେ ଯୋଡ଼ି ହୋଇପାରି ନାହାନ୍ତି ସେମାନଙ୍କୁ ଯୋଡ଼ିବାର ଗୁରୁଦାୟିତ୍ୱ ନେବା । ନିଜ ସାମାଜିକ ଦାୟିତ୍ୱ ପୂର୍ତ୍ତି ହେଲେ ରାଷ୍ଟ୍ରୀୟ ଦାୟିତ୍ୱ ପୂର୍ତ୍ତି ହେବ । ରାଷ୍ଟ୍ରୀୟ ଦାୟିତ୍ୱ ରୁ ବୈଶ୍ୱିକ ଦାୟିତ୍ୱ ଗ୍ରହଣ କରି ବିଶ୍ୱରେ ଭାରତକୁ ବିଜୟୀ, ସ୍ୱସ୍ଥ, ସମୃଦ୍ଧ ଏବଂ ବିଶ୍ୱଗୁରୁ ଆସନରେ ପ୍ରତିସ୍ଥାପିତ କରିବା ଆମ ଧ୍ୟେୟ ହେଉ ।

*ମହାତ୍ମାଗାନ୍ଧୀ ମାର୍ଗ*
*କବିସୂର୍ଯ୍ୟନଗର, ଗଞ୍ଜାମ*

ସମେ ବସଇ ସର୍ବଦେହେ । ମୂଢ଼ ନ ଜାଣେ ମାୟାମୋହେ ।।

**ଯୋଗ ବିଜ୍ଞାନ**

# ଯୋଗଂ ଶରଣଂ ଗଚ୍ଛାମି

■ ଶ୍ରୀଯୁକ୍ତ ମଧୁସୂଦନ ବାରିକ

ପବିତ୍ର ପାର୍ବଣର ଋତୁ । ମହାମାୟା ଦୁର୍ଗତିନାଶିନୀ ମା ଦୁର୍ଗାଙ୍କର ଧରାପୃଷ୍ଠକୁ ଆଗମନର ସମୟ । ମା'ଙ୍କର ଆଗମନ ସମଗ୍ର ବିଶ୍ୱବାସୀଙ୍କ ପାଇଁ କଲ୍ୟାଣକାରୀ ତଥା ଶୁଭପ୍ରଦ ହେଉ ଏହା ହିଁ କାମନା । ମା' ଦୁର୍ଗାଙ୍କର କୃପାବଳରେ ଏହି ମହାମାରୀ କରୋନା ଦୂର ହେଉ । ଏହି ପରି ଭିକ୍ଷା ପ୍ରାର୍ଥନା ସହିତ ଯୋଗାଭ୍ୟାସ କରି ନିଜକୁ ରୋଗମୁକ୍ତ କରିବା । ନିଜେ ସୁସ୍ଥ ରହିବା ଓ ନିରୋଗ ରହିବା ସହିତ ସମସ୍ତେ ଯୋଗ କରନ୍ତୁ ଓ ରୋଗ ମୁକ୍ତ ହୁଅନ୍ତୁ ଏପରି ଅପେକ୍ଷା ରଖିବା । ଯୋଗ, ପ୍ରାଣାୟାମ, ଆୟୁର୍ବେଦ ହିଁ ଆମକୁ ଏପରି ମହାବିପତ୍ତିରୁ ରକ୍ଷା କରିପାରିବ । ଏଣୁ ସପରିବାର ଏକତ୍ର ସମସ୍ତ କାର୍ଯ୍ୟରୁ ବିରତ ହୋଇ ପ୍ରାତଃକାଳ କିମ୍ବା ସନ୍ଧ୍ୟା ସମୟରେ ଅଧଘଣ୍ଟା ସୁସ୍ଥ ଶରୀର ପାଇଁ ସମୟ ଦେବା । ଶରୀର ଭିତରେ ଥିବା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ।

**ଭ୍ରାମରୀ ପ୍ରାଣାୟାମ :** କୌଣସି ଏକ ଧ୍ୟାନାତ୍ମକ ଆସନ (ପଦ୍ମାସନ, ସିଦ୍ଧାସନ, ଚକାସନ)ରେ ବସି ଦୁଇ ହାତରେ ଷଣମୁଖୀ ମୁଦ୍ରାଦ୍ୱାରା ନାକ,ପାଟି, ଆଖିକୁ ବନ୍ଦ କରି ନାକପୁଡାକୁ ଅର୍ଦ୍ଧ ମୁଦ୍ରିତ କରି ଶ୍ୱାସ ନେବା । ତା' ପରେ ଭଁଅର ପରି 'ଅ' କାର କୁ ଗୁଞ୍ଜନ କରିବା । ପାଟି ଭିତରେ ଦୁଇ ଦାନ୍ତ ମାଡ଼ି ଖୋଲା ରହିବ । ଜିଭ ଓଲଟାଇ ଉପର ତାଳୁରେ ଲଗାଇଲେ ଭଲ । ଏହିପରି ଶ୍ୱାସ ନେବା ସହ ୫ ଥରରୁ ଅଧିକ ଥର ସାଧନା କରିବା ଦ୍ୱାରା ଶରୀରର ଶୁଦ୍ଧୀକରଣ ହୋଇଥାଏ ।

**ଲାଭ :**

- ଶରୀର ଉପରିଭାଗ ଆକାଶତତ୍ତ୍ୱ ଏହି ଭ୍ରମରୀ ପ୍ରାଣାୟାମ ଦ୍ୱାରା ସମ୍ପୂର୍ଣ୍ଣ ଶୁଦ୍ଧୀକରଣ ହୋଇଥାଏ ।
- ମେଧାଶକ୍ତି, ସ୍ମୃତିଶକ୍ତିର ବିକାଶ ହୋଇଥାଏ ।
- ମସ୍ତକଜନିତ ସମସ୍ତ ରୋଗ ଦୂର ହୋଇଥାଏ ।
- ଆଖି, କାନ, ନାକ, ମସ୍ତିଷ୍କ ଆଦି ଅଭ୍ୟନ୍ତରୀଣ ଅଙ୍ଗ ପ୍ରତ୍ୟଙ୍ଗର ସମସ୍ତ ବିକାର ଦୂର ହୋଇଥାଏ ।
- ଥଣ୍ଡା, ସର୍ଦ୍ଦି ଓ ସାଇନସ ଆଦି ସମସ୍ୟାର ସମାଧାନ ହୋଇଥାଏ ।
- ମସ୍ତିଷ୍କ ସବଳ ହେବା ସହିତ, ପାରାଲିସିସ୍ କୋମା ପରି ରୋଗରୁ ମୁକ୍ତି ମିଳିଥାଏ ।

ଏଣୁ ଏହି ପ୍ରାଣାୟାମକୁ ୩ ଥର କିମ୍ବା ୫ ଥର ମଧ୍ୟରେ ସୀମିତ ନ ରଖି ୧୫ ମି. ରୁ ୨୦ ମି. ଯାଏଁ ଅନବରତ ସାଧନା କରିବା ଦ୍ୱାରା ଶରୀରକୁ ଏକ ନବଜୀବନ ମିଳିଥାଏ । ଏଣୁ ଆସନ୍ତୁ ସମସ୍ତେ ମିଶି ଯୋଗ କରିବା । ନୀରୋଗ ରହିବା ସହିତ ରୋଗମୁକ୍ତ ଦେଶ ଗଠନ କରିବା ।

*ପ୍ରାନ୍ତ ଯୋଗଶିକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*



ପୁତ୍ର କଳତ୍ର କଳେବରେ । ମୋହର ବୋଲି ସ୍ନେହ କରେ ।।

# ଇତିହାସ - ରାମ ମନୋହର ଲୋହିଆ

*ମନୋରଞ୍ଜନ ମିଶ୍ର*

୫୭ ବର୍ଷ ବୟସରେ ଭାରତମାତାଙ୍କ ସୁପୁତ୍ର ରାମ ମନୋହର ଲୋହିଆ ଇହଧାମ ପରିତ୍ୟାଗ କରିଥିଲେ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ବିଦ୍ୟାଳୟରେ ପାଠ ପଢ଼ିବା ବେଳେ ପାଠ୍ୟପୁସ୍ତକରେ ବୀର ଶିବାଜୀଙ୍କ ବିଷୟରେ ଥିବା ଅପମାନମୂଳକ ସୂଚନା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ୟୁରୋପରେ ପାଠ ପଢ଼ିବା ବେଳେ ଭାରତର ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରି ଭାରତବର୍ଷର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଲବଣ ସତ୍ୟାଗ୍ରହ ଉପରେ ଡକ୍ଟରେଟ କରିଥିଲେ । ହରିଜନ ପତ୍ରିକାରେ ସତ୍ୟାଗ୍ରହ ଉପରେ ପ୍ରବନ୍ଧ ଲେଖିବାରୁ ଇଂରେଜ ସରକାର ତାଙ୍କୁ କାରାରୁଦ୍ଧ କଲେ । ଭାରତ ଛାଡ଼ ଆନ୍ଦୋଳନ ସମୟରେ ଲୋହିଆ ମହାଶୟ ୩ ମାସ ଧରି ଭୂତଳରେ ରହି କଂଗ୍ରେସ ରେଡିଓ ମାଧ୍ୟମରେ ଦେଶ ପ୍ରେମର ବହ୍ନି ପ୍ରଜ୍ୱଳିତ କରି ଚାଲିଥିବା ବେଳେ ୧୯୪୪ ମସିହାରେ ବନ୍ଦୀ ହୋଇ ଲାହୋର ଜେଲରେ ଇଂରେଜମାନଙ୍କର ଅକଥନୀୟ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ସହିଥିଲେ । ଦେଶ ବିଭାଜନର ଘୋର ବିରୋଧ କରିଥିଲେ । ସେ ଥିରେ ମହାନ ଚିନ୍ତାନାୟକ ତଥା ସମାଜବାଦର ପ୍ରବକ୍ତା । ଲୋହିଆଙ୍କ ସପ୍ତକ୍ରାନ୍ତି ଦ୍ୱାରା ପ୍ରଭାବିତ ହୋଇ ଲୋକନାୟକ ଜୟପ୍ରକାଶ ନାରାୟଣ ସମ୍ପୂର୍ଣ୍ଣ କ୍ରାନ୍ତିର ଆହ୍ୱାନ ଦେଇଥିଲେ । ସେ ଥିଲେ ଦେଶୀୟ ରାଜ୍ୟ ମିଶ୍ରଣର ଆଦ୍ୟ ପ୍ରବକ୍ତା ଯାହାକି ସର୍ଦ୍ଦାର ପଟେଲଙ୍କ ଦ୍ୱାରା ପୂର୍ଣ୍ଣ ରୂପାୟନ ହୋଇଥିଲା । ସମାଜର ସବୁଠାରୁ ତଳେ ଥିବା ଲୋକଟି ପାଇଁ ସପ୍ତକ୍ରାନ୍ତିର ଉଦାତ୍ତ ସ୍ୱର ନିନାଦିତ ହୋଇ ଗାନ୍ଧୀ ଲୋହିଆ ବିଚାରଧାରାର ସ୍ରୋତଟିଏ ଏ ମାଟିରେ ପ୍ରବାହିତ ହୋଇଥିଲା । ପୂଜ୍ୟ ଲୋହିଆଙ୍କ ଦେହାନ୍ତ ପରେ ସେ କିଛି ଧନ ସମ୍ପତ୍ତି ଛାଡି ଯାଇ ନ ଥିଲେ କିନ୍ତୁ ତାଙ୍କ ସାଧନା, ତ୍ୟାଗ, ତପସ୍ୟା, ଦେଶ ଭକ୍ତି ଓ ମାର୍ମିକ ଚିନ୍ତନ ଏ ମାଟିର ଆଗାମୀ ପିଢ଼ିଙ୍କ ପାଇଁ ଏକ ଶ୍ରେଷ୍ଠ ମାର୍ଗଦର୍ଶନ ରୂପେ ବାଟ କଢ଼ାଇ ଚାଲିଥିବ ।

*ପୁରୀ*



**ସୁଖାନୁଭବେ ପ୍ରାଣୀ ମାରେ । କେବଳ ବିଷ୍ଣୁଦ୍ରୋହ କରେ ।।**

**ସଂସ୍କୃତେନ ବଦତୁ**

# ସମ୍ଭାଷଣାଭ୍ୟାସଃ

*ଶ୍ରୀ ଶ୍ରୀନିବାସ ପ୍ରଧାନ*

## ପିତୃଭକ୍ତଃ ନାଭାଗଃ

ପୂରାତନେ କାଲେ ନଭଗ ନାମ କଶ୍ଚିତ୍ ରାଜା ଆସୀତ୍। ତସ୍ୟ ଅନେକେ ପୁତ୍ରାଃ ଆସନ୍। ତେଷୁ କନିଷ୍ଠସ୍ୟ ନାମ ନାଭାଗଃ ଅସ୍ତି ସ୍ମ। ବାର୍ଦ୍ଧକ୍ୟ କାଲେ ନଭଗଃ ରାଜ୍ୟଂ ଦତ୍ତ୍ୱା ବନଂ ଗତବାନ୍। ତସ୍ମିନ୍ ସମୟେ ନାଭାଗଃ ଅଧ୍ୟୟନାର୍ଥଂ ଗୁରୁକୁଲଂ ଗତବାନ୍ ଆସୀତ। ତସ୍ୟ ଭ୍ରାତରଃ ସର୍ବେ ଧନଲୋଭେନ ପିତୃ ସମ୍ପତ୍ତେଃ ବିଭଜନଂ କୃତବନ୍ତଃ। ଅନୁଜସ୍ୟ ନାଭାଗସ୍ୱ କୃତେ କିଞ୍ଚିତ୍ ଅପି ତେ ନ ରକ୍ଷିତବନ୍ତଃ। ଅଧ୍ୟୟନଂ ସମାପ୍ତ ନାଭାଗଃ ଗୁରୁକୁଲତଃ ପ୍ରତ୍ୟାଗତଃ। ସଃ ଭ୍ରାତୃତ୍ ପିତୃସମ୍ପତ୍ତୌ ସ୍ୱଭାଗଂ ଯାଚିତବାନ୍। ପରନ୍ତୁ ତସ୍ୟ ଭ୍ରାତରଃ ଉକ୍ତବନ୍ତଃ – 'ସମ୍ପତ୍ତି ବିଭଜନ ସମୟେ ଅସ୍ମାଭିଃ ଭବତେ ପିତା ଏବ ଦତ୍ତଃ ଅସ୍ତି। ଭବାନ୍ ବନଂ ଗତ୍ୱା ତସ୍ୟ ସେବାଂ କରୋତୁ' ଇତି। ସରଲସ୍ୱଭାବଃ ନାଭାଗଃ ବନଂ ଗତବାନ୍। ପିତରଂ ପୁରତଃ ସର୍ବଂ ବୃତ୍ତାନ୍ତଂ ନିବେଦିତବାନ୍। ତତ୍ ଶ୍ରୁତ୍ୱା ପିତା ତମ୍ ଉକ୍ତବାନ୍ – 'ପୁତ୍ର ! ଭବାନ୍ ଭ୍ରାତୃଭିଃ ଦାୟ ଭାଗରୂପେଣ ମାମ୍ ଏବ ସ୍ୱୀକରୋତୁ। ଅହଂ ଭବନ୍ତଂ ଦନପ୍ରାପ୍ତେଃ ଉପାୟଂ ସୂଚୟାମିଃ ଇତି। ଅନନ୍ତରଂ ନଭାଗଃ ପୁତ୍ରସ୍ୟ କରଣେ ଉପାୟଂ ସୂଚିତବାନ୍। ତସ୍ମିନ୍ ଏବ ବନେ ଅଙ୍ଗିରସଃ ମହର୍ଷୟଃ ଯଜ୍ଞସ୍ୟ ଷଷ୍ଠ ଦିନେ କଥନୀୟଂ ବୈଶ୍ୱଦେବ ସୂକ୍ତଦ୍ୱୟଂ ମୋହାତ୍ ବିସ୍ମୃତବନ୍ତଃ। ତଦା ତତ୍ର ଉପସ୍ଥିତଃ ନାଭାଗଃ ତତ୍ ସୂକ୍ତଦ୍ୱୟଂ ସ୍ମାରିତବାନ୍। ଯଜ୍ଞଃ ନିର୍ବିଘ୍ନଂ ସମାପ୍ତଃ। ଏତେନ ଅଙ୍ଗିରସଃ ମହର୍ଷୟଃ ଅତ୍ୟନ୍ତ ସନ୍ତୁଷ୍ଟମ୍ ଅଭବନ୍। ତେ ଯଜ୍ଞଶିଷ୍ଟଂ ସର୍ବମ୍ ଅପି ଧନଂ ନାଭାଗାୟ ଦତ୍ତବାନ୍। ତମ୍ ଆଶୀର୍ଭିଃ ଅନୁଗୃହ୍ୟ ଗତବନ୍ତଃ ଚ। ଯଦା ନାଭାଗଃ ତଦ୍ ଧନଂ ସ୍ୱୀକର୍ତୁମ୍ ଉଦ୍ୟତଃ ଅଭବତ୍ ତଦା କଶ୍ଚିତ୍ କୃଷ୍ଣବର୍ଣୀୟଃ ପୁରୁଷଃ ତତ୍ର ଆଗତବାନ୍। ସଃ ନାଭାଗମ୍ ଉକ୍ତବାନ୍ – 'ଭୋ ବାଲ ! ଏତଦ୍ ଧନଂ ମଦୀୟମ୍ ଅସ୍ତି। ଅତଃ ମହ୍ୟଂ ଦଦାତୁ' ଇତି। ନାଭାଗଃ ତମ୍ ଉକ୍ତବାନ୍ – 'ମହର୍ଷୟଃ ଏତଦ୍ ଧନଂ ମହ୍ୟଂ ଦତ୍ତବନ୍ତଃ। ଅତଃ ଏତଦ୍ ମଦୀୟମ୍' ଇତି। ସଃ ପୁରଂଷଃ ପୁନଃ ଉକ୍ତବାନ୍ – 'ଭବାନ୍ ସ୍ୱପିତରଂ ପୃଚ୍ଛତୁ – ଏତଦ୍ ଧନଂ କସ୍ୟ' ଇତି। ନାଭାଗଃ ପିତୁଃ ସମୀପମ୍ ଆଗତ୍ୟ ପୃଷ୍ଟବାନ୍। ସଃ ତୁ ଉକ୍ତବାନ୍ 'ବତ୍ସ ! ସତ୍ୟମ୍ ତଦ୍ ଧନଂ ତସ୍ୟ ପୁରୁଷସ୍ୟ ଏବ। ସଃ କୃଷ୍ଣବର୍ଣୀୟଃ ପୁରୁଷଃ ଭଗବାନ୍ ରୁଦ୍ରଃ ଅସ୍ତି। ଯଜ୍ଞଶିଷ୍ଟ ଧନଂ ସର୍ବଂ ଭଗବତଃ ରୁଦ୍ରସ୍ୟ ଏବ ଭବତି। ଅତଃ ଭବାନ୍ ତଦ୍ ଧନଂ ତସ୍ମୈ ସମର୍ପୟତୁ' ଇତି। ନାଭାଗଃ ପୁନରାଗତ୍ୟ ଭଗବନ୍ତଂ ରୁଦ୍ରଂ ନମସ୍କୃତ୍ୟ ଉକ୍ତବାନ୍ – 'ମମ ପିତା ଉକ୍ତବାନ୍ ଯତ୍ ଏତଦ୍ ଧନଂ ଭବନ୍ତଃ' ଇତି। ଅତ୍ ଏତତ୍ ସର୍ବଂ ଭବାନ୍ ସ୍ୱୀକରୋତୁ' ଇତି। ନାଭାଗସ୍ୟ ବଚନଂ ଶ୍ରୁତ୍ୱା ଭଗବାନ୍ ରୁଦ୍ରଃ ପ୍ରସନ୍ନଃ ଅଭବତ୍। ସଃ ଉକ୍ତବାନ୍ 'ଭବାନ୍ ସତ୍ୟବାଦୀ ପିତୁଃ ଆଜ୍ଞା ପାଳକଃ ଚ। ଭବତଃ ପିତା ଅପି ସତ୍ୟବାଦୀ। ଅହଂ ଭବତି ପ୍ରସନ୍ନଃ ଅସ୍ମି। ଭବତେ ବ୍ରହ୍ମଜ୍ଞାନଂ ଦଦାମି। ଏତତ୍ ସର୍ବଂ ଧନଂ ଭବାନ୍ ଏବ ସ୍ୱୀକରୋତୁ'ଇତି। ଅନନ୍ତରଂ ଭଗବାନ୍ ରୁଦ୍ରଃ ଅଦୃଶ୍ୟଃ ଅଭବତ୍। ନାଭାଗଃ ଧନଂ ସର୍ବଂ ସ୍ୱୀକୃତ୍ୱା ପିତୁଃ ସମୀପମ୍ ଆଗତବାନ୍। ଅନନ୍ତରଂ ସଃ ପିତ୍ରା ସହ ସୁଖେନ ଜୀବିତମ୍।

*କ୍ଷେତ୍ର ସଂସ୍କୃତ ପ୍ରମୁଖ, ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର*

**ଦୁଷ୍ଟ ପତିତ ବୋଲି ତାରେ । ପଡ଼େ ନରକ ତମ ଘୋରେ ॥**

# ଆମ ପ୍ରଶ୍ନ ତୁମ ଉତ୍ତର

ଭାରତବର୍ଷର ଏହି ମହାନ ତୀର୍ଥକ୍ଷେତ୍ରଗୁଡ଼ିକ କେଉଁ କେଉଁ ନଦୀ କୂଳରେ ଅବସ୍ଥିତ ?

୧. ଅଯୋଧ୍ୟା
୨. ମଥୁରା
୩. ମାୟା (ହରିଦ୍ୱାର)
୪. କାଶୀ
୫. କାଞ୍ଚିପୁରମ୍
୬. ଅବନ୍ତିକା
୭. ଦ୍ୱାରକା
୮. ଶୃଙ୍ଗେରୀ
୯. ଗୟା
୧୦. ବିଜୟୱାଡ଼ା
୧୧. ନାସିକ
୧୨. ସମ୍ବଲପୁର
୧୩. ଗାନ୍ଧୀନଗର
୧୪. ଓଁକାରେଶ୍ୱର
୧୫. ବଦ୍ରୀନାଥ
୧୬. କେଦାରନାଥ

ଏହି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପଠାଇଥିବା ପ୍ରଥମ ୧୦ଜଣ ଶିଶୁ ଭାଇଭଉଣୀଙ୍କର ନାମ ଶିକ୍ଷା ସୃଜନୀରେ ପ୍ରକାଶ ପାଇବ ।

**-: ଆମ ଠିକଣା :-**

ସଂଯୋଜକ ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ଦୂରଭାଷ- ୮୮୯୫୪୬୧୩୭୮/୯୯୩୭୦୨୪୦୦୨ E-mail :- shikshasrujanee@gmail.com

ଦେବତା ଋଷି ପିତୃ ଭୂତ । ଯେ ଅବା ଅଟନ୍ତି ଆଗତ ॥

**ସମ୍ବାଦ ଚୁମ୍ବକେ ଚୁମ୍ବକେ**

## JEE Main and JEE Advanceରେ ସାଧନା ଛାତ୍ରମାନଙ୍କ ସଫଳତା :-

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଆନୁକୂଲ୍ୟରେ ଆର୍ଥିକ ଅନଗ୍ରସର ଓ ମେଧାବୀ ଛାତ୍ରମାନଙ୍କ ପାଇଁ ୨୦୧୯ ଶିକ୍ଷାବର୍ଷରେ ସାଧନା ପ୍ରକଳ୍ପ ନାମରେ ସମ୍ପୂର୍ଣ୍ଣ ଦେୟମୁକ୍ତ +୨ ବିଜ୍ଞାନ ଶିକ୍ଷା ସହ IIT Coaching ବ୍ୟବସ୍ଥା କରାଯାଇଥିଲା । ଏଥିରେ ଓଡ଼ିଶାର ଚୟନିତ ୧୭ ଜଣ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ର ସ୍ୱତନ୍ତ୍ର ଛାତ୍ରାବାସରେ ରହି ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମ, କଟକରେ +୨ ବିଜ୍ଞାନ ଅଧ୍ୟୟନ କରିବା ସହ ଶିକ୍ଷା ବିକାଶ ସମିତ. ଓଡ଼ିଶାଙ୍କ ବ୍ୟବସ୍ଥାରେ Resonance ଦ୍ୱାରା IIT, NIT and JEE ପାଇ ସ୍ୱତନ୍ତ୍ର Coaching ବ୍ୟବସ୍ଥା କରାଯାଇଥିଲା । ସାଧନାର ୧୭ ଜଣ ଯାକ ଛାତ୍ର ୨୦୨୧ ମସିହା +୨ ବିଜ୍ଞାନରେ ଉଲ୍ଲେଖନୀୟ ସଫଳତା ପ୍ରାପ୍ତ କରିବା ସହ JEE Mainରେ ୧୨ ଜଣ ଛାତ୍ର ଓ JEE Advanceରେ ୨ ଜଣ ଛାତ୍ର ସଫଳତାର ଶୀର୍ଷରେ ରହିଛନ୍ତି । ଶ୍ରୀମାନ ଚନ୍ଦନକୁମାର ଦତ୍ତ JEE Advanceରେ ସର୍ବଭାରତୀୟ ସ୍ତରରେ CRL Rank-3438 and OBC-NCL Rank 560 ରଖି ଖଡ଼ଗପୁର IITରେ Electrical Enginering ପଢ଼ିବା ପାଇଁ ଚୟନିତ ହୋଇଥିବା ବେଳେ ଶ୍ରୀମାନ ଓଁପ୍ରକାଶ ସାହୁ JEE Advanceରେ ସର୍ବଭାରତୀୟ ସ୍ତରରେ CRL Rank-18490 and OBC-NCL Rank 4152ରଖି ଭିଲାଇ ଆଇ ଆଇଟିରେ Mechanical Enginering ଅଧ୍ୟୟନ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ଶ୍ରୀମାନ ଚନ୍ଦ୍ରଶେଖର ତୁଙ୍ଗ, ଶ୍ରୀମାନ ଶୁଭଙ୍କର ଚୁଡ଼ିଆ NIT ରାଉରକେଲାରେ B Tech ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଅନ୍ୟ ସମସ୍ତ ଛାତ୍ର Odisha JEE ପାଇଁ ଯୋଗ୍ୟ ବିବେଚିତ ହୋଇ ଶିକ୍ଷା ବିକାଶ ସମିତି, ଓଡ଼ିଶା ତଥା ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମ କଟକକୁ ଗୌରବାନ୍ୱିତ କରିଛନ୍ତି ।

## ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ :-

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକର ସମାରୋପ ଉତ୍ସବ ବିଦ୍ୟାଭାରତୀଙ୍କ ମନ୍ତ୍ରୀ ତଥା ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି ଡଃ. କିଶୋରଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଭାରତୀଙ୍କ ଅଖିଳ ଭାରତୀୟ ସହ ସଂଗଠନ ମନ୍ତ୍ରୀ ଶ୍ରୀମାନ ଗୋବିନ୍ଦଚନ୍ଦ୍ର ମହାନ୍ତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ 'ଭାରତବର୍ଷର ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ବିଦ୍ୟା ଭାରତୀ ଦୀର୍ଘ ୭୦ ବର୍ଷ ଧରି ପ୍ରୟାସ କରି ଆସୁଥିଲେ ତାହା ଏବେ ସାକାର ହେବାକୁ ଯାଉଅଛି । ଏହି ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ରର ପୁନରୁଥାନ କରିବା ସହିତ ବିଶ୍ୱକୁ ସର୍ବେ ଭବନ୍ତୁ ସୁଖି ନଃର ବାର୍ତ୍ତା ଦେବ । ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ଆମେ ସମସ୍ତେ ଦେବ ଦୁର୍ଲଭ କାର୍ଯ୍ୟକର୍ତ୍ତାଭାବେ ଜୀବନକୁ ସମର୍ପିତ କରି ଶିକ୍ଷାଯଜ୍ଞରେ ଆହୁତି ସାଜିଛନ୍ତି । ତାହା ଆଗାମୀ ଦିନରେ ରାଷ୍ଟ୍ର ଗଠନ ପାଇଁ ସହାୟକ ହେବ ।' ଏହି ଦୁଇଦିନର ଅବଧି ମଧ୍ୟରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା କାର୍ଯ୍ୟକର୍ତ୍ତାମାନଙ୍କଦ୍ୱାରା ପର୍ଯ୍ୟାବରଣ, ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ, ସ୍ୱଦେଶୀ, ବିଦ୍ୱତ୍ ପରିଷଦ, ଶୋଧ, ପୂର୍ବଛାତ୍ର, ସଂସ୍କୃତିବୋଧ, ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ଆର୍ଥିକ ବ୍ୟବସ୍ଥା, ଶିଶୁବାଟିକା, ସେବାକାର୍ଯ୍ୟ, ସଂସ୍କାରକେନ୍ଦ୍ର, ଭାରତ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ, ଭିଜନ୍-୨୦୨୫ ଆଦି ବିଷୟ ବିନ୍ଦୁ ଉପରେ ଆଲୋକପାତ କରାଯାଇଥିଲା । ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଂଗଠନ ସମ୍ପାଦକ ଶ୍ରୀମାନ ରମାକାନ୍ତ ମହାନ୍ତଙ୍କ ପ୍ରତ୍ୟକ୍ଷ

ତତ୍ତ୍ୱାବଧାନରେ ଏହି ଦୁଇ ଦିନର ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ସୁଚାରୁରୂପେ ସମ୍ପାଦିତ ହୋଇଥିଲା । ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ଅଧ୍ୟକ୍ଷ ଡଃ. ଲକ୍ଷ୍ମୀକାନ୍ତ ମହାରଣା, ମନ୍ତ୍ରୀ ଡଃ. ସରୋଜକୁମାର ହାତୀ, ସଂଗଠନ ମନ୍ତ୍ରୀ ଶ୍ରୀମାନ ଦିବାକର ଘୋଷ, ଶିକ୍ଷା ବିକାଶ ସମିତି, ଓଡ଼ିଶାର ଉପସଭାପତି ଶ୍ରୀ ଲିଙ୍ଗରାଜ ଗୌଡ଼, ଶ୍ରୀମତୀ ଗାୟତ୍ରୀ ବାହିନୀପତି, ସମ୍ପାଦକ ଶ୍ରୀ କମଳାକାନ୍ତ ମିଶ୍ର, ସହ ସମ୍ପାଦକ ଶ୍ରୀ ଉମେଶଚନ୍ଦ୍ର ଦାଶ, ସହ ସମ୍ପାଦିକ ଡଃ. ତରୁଲତା ଦେବୀ, କୋଷାଧ୍ୟକ୍ଷ ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ ଆଦି ବରିଷ୍ଠ କାର୍ଯ୍ୟକର୍ତ୍ତାଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଂଚା ନ କରିବା ସହିତ ପ୍ରବାସୀ କାର୍ଯ୍ୟକର୍ତ୍ତାମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଅତିଥିମାନଙ୍କଦ୍ୱାରା ଶିକ୍ଷା ବିକାଶ ସମିତି, ଓଡ଼ିଶା ପ୍ରାଦେଶିକ ମେଧା ପରୀକ୍ଷା ଫଳାଫଳ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଶିଶୁବାଟିକାର ୧୨ ବ୍ୟବସ୍ଥା, ଅମୃତ ମହୋତ୍ସବ, ସେବାକାର୍ଯ୍ୟ ଓ ୫ଟି ଆଧାରଭୂତ ବିଷୟର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମର ପରିଚାଳନା ସମିତିର ସମସ୍ତ ସଦସ୍ୟ, ଆଚାର୍ଯ୍ୟଆଚାର୍ଯ୍ୟା, ସେବକସେବିକା ଓ ଉତ୍ତରପୂର୍ବ ସମ୍ଭାଗର କାର୍ଯ୍ୟକର୍ତ୍ତାଗଣ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ।

## ଶିକ୍ଷା ବିକାଶ ସମିତି, ଓଡ଼ିଶା

| | ଜିଲ୍ଲା | ତହସିଲ | ବ୍ଲକ୍ | ଏନ୍.ଏ.ସି ମୁନସିପାଲଟି |
|---|---|---|---|---|
| ମୋଟ | ୩୦ | ୩୧୪ | ୩୧୪ | ୧୧୫ |
| କାର୍ଯ୍ୟଯୁକ୍ତ | ୩୦ | ୩୧୦ | ୩୧୦ | ୧୧୫ |

| ସମ୍ଭାଗ | ବିଭାଗ | ସଙ୍କୁଳ | ବିଦ୍ୟାଳୟ |
|---|---|---|---|
| ୦୯ | ୨୨ | ୧୧୬ | ୯୯୪ |

| ସ୍ତର | ଭାଇ | ଭଉଣୀ | ମୋଟ |
|---|---|---|---|
| ଶିଶୁବାଟିକା | ୧୦୯୮୨ | ୮୫୧୬ | ୧୯୪୯୮ |
| ୧ମ ରୁ ୫ମ | ୧୦୭୧୦୪ | ୮୪୮୭୨ | ୧୯୧୯୭୬ |
| ୬ଷ୍ଠ ରୁ ୮ମ | ୪୬୩୪୨ | ୩୬୮୭୩ | ୮୩୨୧୫ |
| ୯ମ ରୁ ୧୨ଶ | ୨୨୯୭୬ | ୧୮୨୧୨ | ୪୧୧୮୮ |
| ମୋଟ | ୧୮୭୪୦୪ | ୧୪୮୪୭୩ | ୩୩୫୮୭୭ |

### ମାଟ୍ରିକ୍ ପରୀକ୍ଷା ୨୦୨୧
(ସର୍ବୋଚ୍ଚ ଅଙ୍କ-୫୮୨)

| Grade | Score | % |
|---|---|---|
| A1 | 1144 | 5.94 |
| A2 | 4960 | 25.74 |
| B1 | 5942 | 30.84 |
| B2 | 4404 | 22.86 |
| C | 2129 | 11.05 |
| D | 650 | 3.37 |
| E | 37 | 0.19 |
| F | 03 | 0.08 |

### ଅନ୍‌ଲାଇନ୍ ପ୍ରାଦେଶିକ ମେଧା ଓ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା

| ଶ୍ରେଣୀ | ପ୍ରାଦେଶିକ ମେଧା ପରୀକ୍ଷା | | ଭାରତୀକୃଷ୍ଣ ଗଣିତ ପରୀକ୍ଷା | |
|---|---|---|---|---|
| | ଆବେଦନ ସଂଖ୍ୟା | ପରୀକ୍ଷା ଦେଇଥିବା ସଂଖ୍ୟା | ଆବେଦନ ସଂଖ୍ୟା | ପରୀକ୍ଷା ଦେଇଥିବା ସଂଖ୍ୟା |
| ତୃତୀୟ | ୪୦୪୮ | ୩୬୫୭ | ୩୭୪୯ | ୨୫୦୦ |
| ପଞ୍ଚମ | ୩୮୦୧ | ୩୨୬୨ | ୩୩୮୧ | ୨୦୨୪ |
| ସପ୍ତମ | ୩୦୪୪ | ୨୭୩୧ | ୨୮୩୯ | ୨୦୧୬ |
| ନବମ | ୧୮୫୩ | ୧୭୫୭ | ୧୭୬୯ | ୧୫୮୦ |
| ମୋଟ | ୧୨୭୪୬ | ୧୧୪୦୭ | ୧୧୭୩୮ | ୮୧୨୦ |

### ଆଚାର୍ଯ୍ୟ ଓ ଆଚାର୍ଯ୍ୟା

| | | | | | |
|---|---|---|---|---|---|
| ଆଚାର୍ଯ୍ୟ ସଂଖ୍ୟା | ୮୧୧୯ | ଆଚାର୍ଯ୍ୟା ସଂଖ୍ୟା | ୧୧୨୩୭ | ମୋଟ | ୧୯୩୫୬ |


### ଅଖିଳ ଭାରତୀୟ ନିବନ୍ଧ ଲିଖନ ପ୍ରତିଯୋଗିତା

| ଶିଶୁବର୍ଗ | ବାଲବର୍ଗ | କିଶୋରବର୍ଗ | ତରୁଣବର୍ଗ | ମୋଟ | ଆଚର୍ଯ୍ୟବର୍ଗ |
|---|---|---|---|---|---|
| ୪୫୧୦ | ୩୭୫୩ | ୧୩୬୨ | ୪୧ | ୯୬୬୬ | ୨୧୧୩ |

### ଅନ୍ୟାନ୍ୟ ବିଷୟ

| | | |
|---|---|---|
| ୧. | ନଗରୀୟ ଶିଶୁ ମନ୍ଦିର | ୩୩୮ |
| ୨. | ଗ୍ରାମୀଣ ଶିଶୁ ମନ୍ଦିର | ୬୫୨ |
| ୩. | ବନବାସୀ ଶିଶୁ ମନ୍ଦିର | ୦୪ |
| ୪. | ମୋଟ ଶିଶୁ ବିଦ୍ୟା ମନ୍ଦିର | ୯୯୪ |
| ୫. | ଶିଶୁ ମନ୍ଦିର (ଶ୍ରେଣୀ ୫ମ ପର୍ଯ୍ୟନ୍ତ) | ୧୨୬ |
| ୬. | ଶିଶୁ ମନ୍ଦିର (ଶ୍ରେଣୀ ୮ମ ପର୍ଯ୍ୟନ୍ତ) | ୫୪୧ |
| ୭. | ବିଦ୍ୟା ମନ୍ଦିର (ଶ୍ରେଣୀ ୧୦ମ ପର୍ଯ୍ୟନ୍ତ) | ୩୧୬ |
| ୮. | ଉଚ୍ଚ ମାଧ୍ୟମିକ (ଶ୍ରେଣୀ ୧ମ ରୁ +୨ ପର୍ଯ୍ୟନ୍ତ) | ୧୧ |
| ୯. | ସଂସ୍କାରକେନ୍ଦ୍ର | ୨୩୮ |
| ୧୦. | ସେବା ପ୍ରକଳ୍ପ | ୦୬ |
| ୧୧. | ଔଷଧ ବିତରଣ କେନ୍ଦ୍ର (କେଶବଧାମ) | ୦୧ |
| ୧୨. | ଭ୍ରାମ୍ୟମାଣ ଚିକିତ୍ସାକେନ୍ଦ୍ର | ୦୪ |
| ୧୩. | ଘୋଷ ଦଳ | ୩୧୦ |
| ୧୪. | ପୂର୍ଣ୍ଣ ଆବାସିକ ବିଦ୍ୟାଳୟ | ୦୩ |
| ୧୫. | ଅର୍ଦ୍ଧ ଆବାସିକ ବିଦ୍ୟାଳୟ | ୭୨ |
| ୧୬. | ପୂର୍ବଛାତ୍ର ପଞ୍ଜୀକରଣ | ୮୬୯୦୦ |
| ୧୭. | ପୂର୍ବଛାତ୍ର ସଂଖ୍ୟା | ୩,୨୪,୮୯୯ |
| ୧୮. | ସଂସ୍କାରକେନ୍ଦ୍ର ଆଚାର୍ଯ୍ୟ | ୨୩୮ |
| ୧୯. | ସଂସ୍କାରକେନ୍ଦ୍ର ଛାତ୍ରସଂଖ୍ୟା | ୫୧୦୮ |
| ୨୦. | ପୂର୍ଣ୍ଣକାଳୀନ ପ୍ରବାସୀ କାର୍ଯ୍ୟକର୍ତ୍ତା | ୫୪ |
| ୨୧. | ପ୍ରଚାରକ | ୦୩ |
| ୨୨. | ପ୍ରବାସୀ କାର୍ଯ୍ୟକର୍ତ୍ତା ସଂଖ୍ୟା | ୨୯୫ |
| ୨୩. | ଆଚାର୍ଯ୍ୟ ସଂସ୍କୃତିଜ୍ଞାନ | ୧୯୦୯ |
| ୨୪. | ଛାତ୍ର ସଂସ୍କୃତିଜ୍ଞାନ | ୭୨୧୦ |
| ୨୫. | ଶିକ୍ଷା ସୃଜନୀ ପତ୍ରିକା | ୧,୨୫,୦୦୦ |
| ୨୬. | ଶିଶୁବାଟିକା ପତ୍ରିକା | ୩୫,୦୦୦ |
| ୨୭. | A.T.L. | ୩୭ |
| ୨୮. | ସାଧନା ଛାତ୍ର ସଂଖ୍ୟା-୧୬, JEE main-12, Advance-2 | |









ସ.ବି.ମ. ବେଶବଧାମ, କଟକଠାରେ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ଅବସରରେ
ଶିଶୁବାଟିକାର ୧୨ଟି ବ୍ୟବସ୍ଥାର ପ୍ରଦର୍ଶନ ।

November - 2021

RNI - Reg. No : ODIODI/2012/51053



# ଭାରତ ସ୍ୱତନ୍ତ୍ରତାର ଅମର ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରବିତ୍ର ଜୟନ୍ତୀ ସ୍ମରଣେ ।

(୨୨ ନଭେମ୍ବର-୧୭୧୮

Printed and published by : Secretary, on behalf of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10